# ALL NATIONS GOSPEL PUBLISHERS



Copyright ANGP

www.angp-hb.co.za

info@angp.co.za

*ORIYA Heart Book*

# ମଣିଷର ହୃଦୟ

Copyright ANGP

**COPYRIGHT**

**ISBN 0 - 908412 - 37 - 1**

**E-MAIL: info@angp.co.za**
**ALL NATIONS GOSPEL PUBLISHERS**
**P.O. Box 2191, PRETORIA, 0001, R.S.A.**
(A Gospel Literature Mission financed by donations)
(Reg. No. 1961/001798/08)

ଯେ କେହି ପାପ କରେ ସେ ମଧ୍ୟ ବ୍ୟବସ୍ଥା ଲଂଘନ କରେ, କାରଣ ବ୍ୟବସ୍ଥା ଲଂଘନହିଁ ପାପ । ଆଉ ତୁମ୍ଭେମାନେ ଜାଣ ଯେ, ସେ ପାପ ବହି ନେଇଯିବା ପାଇଁ ପ୍ରକାଶିତ ହେଲେ, ଆଉ ତାହାଙ୍କ ଠାରେ ପାପ ନାହିଁ । ଯେ କେହି ତାହାଙ୍କ ଠାରେ ରହେ, ସେ ପାପ କରେ ନାହିଁ, ଯେ କେହି ପାପ କରେ, ସେ ତାହାଙ୍କୁ ଦେଖି ନାହିଁ, କିଅବା ତାହାଙ୍କୁ ଜାଣି ନାହିଁ । ହେ ବତ୍ସଗଣ, କେହି ତୁମ୍ଭମାନଙ୍କୁ ଭ୍ରାନ୍ତ ନକରୁ; ଯେ ଧର୍ମାଚରଣ କରେ, ସେ ଯେପରି ଧାର୍ମିକ ଅଟନ୍ତି, ସେ ସେହିପରି ଧାର୍ମିକ ଅଟେ । ଯେ ପାପ କରେ, ସେ ଶୟତାନ ଠାରୁ ଜାତ, କାରଣ ଶୟତାନ ଆରମ୍ଭରୁ ପାପ କରି ଆସୁଅଛି । ଶୟତାନର କାର୍ଯ୍ୟ ବିନାଶ କରିବା ଉଦ୍ଦେଶ୍ୟରେହିଁ ଈଶ୍ୱରଙ୍କ ପୁତ୍ର ପ୍ରକାଶିତ ହେଲେ । ଯେ କେହି ଈଶ୍ୱରଙ୍କ ଠାରୁ ଜାତ, ସେ ପାପ କରେ ନାହିଁ, କାରଣ ଈଶ୍ୱରଙ୍କ ବୀଜ ତାହାଠାରେ ରହେ । ଆଉ ସେ ଈଶ୍ୱରଙ୍କ ଠାରୁ ଜାତ ହେବାରୁ ପାପ କରିପାରେ ନାହିଁ । ଏଥିରେ କିଏ ଈଶ୍ୱରଙ୍କ ସନ୍ତାନ ଓ କିଏ ଶୟତାନର ସନ୍ତାନ, ଏହା ପ୍ରକାଶିତ ହୁଏ; ଯେ କେହି ଧର୍ମାଚରଣ କରେ ନାହିଁ, କି ଅବା ଆପଣା ଭାଇକୁ ପ୍ରେମକରେ ନାହିଁ, ସେ ଈଶ୍ୱରଙ୍କ ଠାରୁ ଜାତ ନୁହେଁ ।

(୧ ଯୋହନ ୩: ୪-୧୦)

Copyright ANCP

# ମନୁଷ୍ୟର ହୃଦୟ

## ଈଶ୍ୱରଙ୍କ ମନ୍ଦିର ନା ଶୟତାନର କାରଖାନା

(୧ମ ଯୋହନ ୩. ୪-୧୦)

ଏହି ପୁସ୍ତକକୁ ପାଠ କରିବା ସମୟରେ ଦୟାକରି ମନେ ରଖିବେ ଯେ, ଏହା ଏକ ଦର୍ପଣ ସ୍ୱରୂପ ଯହିଁରେ ଆପଣ ନିଜକୁ ଦେଖୁଅଛନ୍ତି । ଆପଣ ଅନ୍ୟ ଧର୍ମାବଲମ୍ବୀ ବା ଖ୍ରୀଷ୍ଟିୟାନ, ଅବିଶ୍ୱାସୀ ବା ବିଶ୍ୱାସଭ୍ରଷ୍ଟ ହୋଇଥାଇ ପାରନ୍ତି, କିନ୍ତୁ ଈଶ୍ୱର ଯେପରି ଆପଣଙ୍କୁ ଦେଖୁଛନ୍ତି, ସେହି ରୂପେ ଆପଣ ନିଜକୁ ଦେଖିବାକୁ ପାରିବେ ! ମନୁଷ୍ୟ ବାହ୍ୟରୂପ ଦେଖେ, ମାତ୍ର ସଦାପ୍ରଭୁ ଅନ୍ତଃକରଣ ଦେଖନ୍ତି (୧ ଶାମୁୟେଲ ୧୬.୭) "ଈଶ୍ୱରଙ୍କ ନିକଟରେ ମୁଖାପେକ୍ଷା ନାହିଁ" (ରୋମୀୟ ୨.୧୧)

ଶୟତାନ ସମସ୍ତ ମିଥ୍ୟାବାଦୀମାନଙ୍କର ପିତା । ସେ ଅନ୍ଧକାରର ରାଜା ଓ ଏହି ଜଗତର ଅଧିପତି କିନ୍ତୁ ମନୁଷ୍ୟମାନଙ୍କୁ ପ୍ରତାରଣା କରିବାକୁ ସ୍ୱର୍ଗଦୂତର ବେଶ ଧାରଣ କରିଥାଏ । ପୂର୍ବକାଳ ପରି ଆଜିକାଲି ମଧ୍ୟ ଅନେକ ଭଣ୍ଡ ପ୍ରେରିତ ଓ କାର୍ଯ୍ୟକାରୀ ନିଜକୁ ଖ୍ରୀଷ୍ଟଙ୍କର ପ୍ରେରିତରୂପେ ଛଳନା କରିଥାଆନ୍ତି । ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, କାରଣ ଶୟତାନ

Copyright ANGP

ମଧ୍ୟ ସ୍ୱର୍ଗ ଦୂତର ରୂପ ଧାରଣ କରିଥାଏ । (କରନ୍ଥୀ ୧୧.୧୩-୧୪) । ଏହି ଇହ ଜଗତର ଅଧିପତି ଶୟତାନ ମନୁଷ୍ୟମାନଙ୍କର ଚକ୍ଷୁ ଓ ମନକୁ ଏପରି ଅନ୍ଧ କରି ଦେଇଛି ଯେ, ଈଶ୍ୱର ଯେ ସେମାନଙ୍କୁ ପ୍ରେମ କରନ୍ତି ତା ଯୀଶୁ ଯେ ସେମାନଙ୍କୁ ପାପରୁ ଉଦ୍ଧାର କରିବା ପାଇଁ ପ୍ରାଣ ଦେଇଛନ୍ତି, ତାହା ସେମାନେ ଦେଖି ପାରନ୍ତି ନାହିଁ । ସମସ୍ତ ପାପୀ ଓ ଅବିଶ୍ୱାସୀ ଈଶ୍ୱରଙ୍କ ପ୍ରତି ଅନ୍ଧ ଓ ମୃତ ଅଟନ୍ତି । ଏହି ଜଗତର ଅଧିପତିଙ୍କ ଆତ୍ମାଦ୍ୱାରା ସେମାନେ ଚାଳିତ (ଏଫିସୀୟ ୨.୨) । ଯଦି ସେମାନଙ୍କର ପତିତ ଅବସ୍ଥା ପ୍ରତି ସଚେତନ ନ ହୁଅନ୍ତି, ତେବେ ଅନନ୍ତ ବିନାଶ ପଥରେ ଯେ ସେମାନେ ଧାବମାନ ହେଉଛନ୍ତି, ଏହା ନିଶ୍ଚିତ । ଯେ କହେ, "ମୋର ପାପ ନାହିଁ ସେ ନିଜକୁ ଭଣ୍ଡାଉଛି । "ଶୟତାନର କାର୍ଯ୍ୟ ବିନାଶ କରିବା ଉଦ୍ଦେଶ୍ୟରେ ହିଁ ଈଶ୍ୱରଙ୍କ ପୁତ୍ର ପ୍ରକାଶିତ ହେଲେ" (୧ ଯୋହନ ୩:୮) । "ତୁମ୍ଭେମାନେ ଈଶ୍ୱରଙ୍କର ବଶୀଭୂତ ହୁଅ, ଶୟତାନକୁ ପ୍ରତିବାଧା କର ସେଥିରେ ସେ ତୁମ୍ଭମାନଙ୍କର ନିକଟରୁ ପଳାଇ ଯିବ, ଈଶ୍ୱରଙ୍କର ନିକଟବର୍ତ୍ତୀ ହୁଅ, ସେଥିରେ ସେ ତୁମ୍ଭମାନଙ୍କର ନିକଟବର୍ତ୍ତୀ ହେବେ" (ଯାକୁବ ୪:୭-୮) ।

ଏହି ପୁସ୍ତକକୁ ପାଠ କରି ଓ ଚିତ୍ରଗୁଡ଼ିକ ସୂକ୍ଷ୍ମ ଭାବରେ ଲକ୍ଷ୍ୟ କରି ଆପଣ ନିଜ ହୃଦୟକୁ ଉତ୍ତମ ଭାବରେ ଦେଖି ପାରିବେ । ନିଜର ହୃଦୟର ପ୍ରକୃତ ଅବସ୍ଥା ପ୍ରକାଶ କରିବା ପାଇଁ ଈଶ୍ୱରଙ୍କ ଜ୍ୟୋତିକୁ ଆପଣଙ୍କ ହୃଦୟରେ ପ୍ରବେଶ କରିବାକୁ ଦିଅନ୍ତୁ । ଲୁଚାଇବାକୁ ଚେଷ୍ଟା ନ କରି ନିଜର ପାପକୁ ସ୍ୱୀକାର କରନ୍ତୁ । "ଆମ୍ଭମାନଙ୍କର ପାପ ନାହିଁ, ଏହା ଯଦି କହୁଁ, ତାହାହେଲେ ଆପଣା ଆପଣାକୁ ପ୍ରବଞ୍ଚନା କରୁଁ, ପୁଣି ଆମ୍ଭମାନଙ୍କଠାରେ ସତ୍ୟ ନାହିଁ । ଯଦି ଆମ୍ଭେମାନେ ଆପଣା ଆପଣା ପାପ ସ୍ୱୀକାର କରୁଁ, ତେବେ ସେ ଆମ୍ଭମାନଙ୍କର ପାପକ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି" (୧ ଯୋହନ ୧:୯-୧୦)।

Copyright ANCP


“ପୁଣି ଈଶ୍ୱରଙ୍କର ପୁତ୍ର ଯୀଶୁଙ୍କର ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ ।”

ଆପଣ ହୁଏତ ଶୟତାନ ନକୁହା ଈଶ୍ୱରଙ୍କ ଦ୍ୱାରା ପରିତ୍ୟକ୍ତ ହୋଇଛନ୍ତି । ଆପଣ ପାପ ନ ହେଲେ ଈଶ୍ୱର ଏହି ଦୁହିଁଙ୍କ ମଧ୍ୟରୁ ଜଣଙ୍କର ସେବା ନଷ୍ଟପ୍ରାୟ କରୁଛନ୍ତି । ଯଦି ପାପ ଆପଣଙ୍କ ଜୀବନରେ ଆଧିପତ୍ୟ କରୁଥାଏ ତେବେ ଈଶ୍ୱରଙ୍କ ନିକଟରେ କ୍ରନ୍ଦନ କରନ୍ତୁ । ସେ ଆପଣଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ମୁକ୍ତ କରିବାକୁ ଏ ପୃଥିବୀକୁ ଆଗମନ କରିଥିଲେ । ସେ ଆମ୍ଭମାନଙ୍କର ପରିତ୍ରାତା । ଆପଣ ବର୍ତ୍ତମାନ ଈଶ୍ୱରଙ୍କ ସମ୍ମୁଖରେ ଉପସ୍ଥିତ, ଯେ ଆପଣଙ୍କ ଜୀବନର ସମସ୍ତ ଗୁପ୍ତ ବିଷୟ ଓ ଲୁକାୟିତ ଚିନ୍ତାଧାରା ଏବଂ କର୍ମସକଳ ଜାଣନ୍ତି । ତାଙ୍କ ସମ୍ମୁଖରୁ ଲୁଚିବା ଆପଣଙ୍କ ପକ୍ଷରେ ଅସମ୍ଭବ, “ଯେ କର୍ଣ୍ଣ ରୋପଣ କଲେ, ସେ କି ଶୁଣିବେ ନାହିଁ ? ଯେ ଚକ୍ଷୁ ଗଢ଼ିଲେ, ସେ କି ଦେଖିବେ ନାହିଁ ?” (ଗୀତସଂହିତା ୯୪:୯) “ସଦାପ୍ରଭୁଙ୍କ ପ୍ରତି ଯେଉଁମାନଙ୍କର ଅନ୍ତଃକରଣ ସିଦ୍ଧ ଥାଏ, ସେମାନଙ୍କ ସପକ୍ଷରେ ଆପଣାକୁ ବଳବାନ୍ ଦେଖାଇବା ପାଇଁ ତାହାଙ୍କର ଚକ୍ଷୁ ପୃଥିବୀର ସର୍ବତ୍ର ଏଣେତେଣେ ଦୌଡ଼ଇ” ! (୨ ବଂଶାବଳୀ ୧୬: ୯), “ମନୁଷ୍ୟର ମାର୍ଗପ୍ରତି ତାହାଙ୍କର ଦୃଷ୍ଟି ଥାଏ, ଓ ସେ ତାହାର ସବୁ ଗତି ଦେଖନ୍ତି । ଯେଉଁଠାରେ ଅଧର୍ମାଚାରୀଗଣ ଲୁଚି ପାରନ୍ତି, ଏପରି ଅନ୍ଧକାର ଓ ମୃତ୍ୟୁ-ଚ୍ଛାୟା ନାହିଁ ।” (ଆୟୁବ ୩୪: ୨୧-୨୨) “ଯୀଶୁ ସେମାନଙ୍କୁ ବିଶ୍ୱାସ ନ କରି ସେମାନଙ୍କ ଠାରୁ ଆପଣାକୁ ପୃଥକ୍ ରଖିଲେ, କାରଣ ସେ ସମସ୍ତଙ୍କୁ ଜାଣୁଥିଲେ ।” (ଯୋହନ ୨: ୨୪) ।

ତେଣୁ “ଯାହାର ଅପରାଧ କ୍ଷମା, ଯାହାର ପାପ ଆଚ୍ଛାଦିତ ହୋଇ ଅଛି, ସେ ଧନ୍ୟ, ସଦାପ୍ରଭୁ ଯାହା ପ୍ରତି ଅଧର୍ମର ଆରୋପ ନ କରନ୍ତି ଓ ଯାହାର ଆତ୍ମାରେ ପ୍ରବଞ୍ଚନା ନାହିଁ, ସେ ଧନ୍ୟ ।” (ଗୀତସଂହିତା ୩୨:୧-୨) । ଗୀତସଂହିତା ୫୧ ମଧ୍ୟ ପାଠ କରନ୍ତୁ । ଯୀଶୁ ଆଜି ମଧ୍ୟ ଡାକୁ ଅଛନ୍ତି, “ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ

ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି ।"
(ମାଥିଉ ୧୧:୨୮)।

## ପ୍ରଥମ ଚିତ୍ର




ଏହା ଏକ ପରିତ୍ରାଣ ବିହୀନ ଓ ଜାଗତିକମନା ଲୋକର ଚିତ୍ର, ବାଇବେଲରେ ଯାହାକୁ ପାପୀ ବୋଲି ସମ୍ବୋଧନ କରା ଯାଇଛି,

ଅର୍ଥାତ୍ ଯେଉଁ ବ୍ୟକ୍ତି ଏହି ଜଗତର ଅଭିଳାଷ ଓ କାମନା ବାସନା ଦ୍ୱାରା ପରିଚାଳିତ । ଈଶ୍ୱରଙ୍କ ଦୃଷ୍ଟିରେ ତାହାର ହୃଦୟର ଅବସ୍ଥା ଯାହା ଏହି ଚିତ୍ର ତାହାର ପ୍ରତିଛବି । କ୍ଷୀଣ ଦୃଷ୍ଟି ଓ ରକ୍ତିମ ଚକ୍ଷୁ ମତୁଆଳ-ପଣର ଦୃଶ୍ୟ, ଯାହା ହିତୋପଦେଶ ୨୩-୨୯-୩୩ ପଦରେ ଲେଖା ଅଛି, "କାହାର ହାହାକାର ? କାହାର ଓକାର ? କାହାର କଳି ? କାହାର ବକାବକି ? କାହାର ଅକାରଣ କ୍ଷତ ? କାହାର ରକ୍ତବର୍ଣ୍ଣ ଚକ୍ଷୁ ? ଯେଉଁମାନେ ଦ୍ରାକ୍ଷାରସ ପାନରେ ବହୁ କାଳ ବସି ଥାଆନ୍ତି, ଯେଉଁମାନେ ମିଶ୍ରିତ ସୁରା ଲୋଡ଼ି ବୁଲନ୍ତି, ସେମାନଙ୍କର ଦ୍ରାକ୍ଷାରସ ରଙ୍ଗିଆ ହେଲେ, ଓ ପାତ୍ରରେ ଚମକାଇଲେ, ଓ ସହଜେ ଗଳାଧଃକରଣ ହେଲେ ତୁମେ ତାକୁ ଅନାଅ ନାହିଁ । ଶେଷରେ ତାହା ସର୍ପ ପରି କାମୁଡ଼େ ଓ କାଳ ସର୍ପ ତୁଲ୍ୟ ଦଂଶନ କରେ । ତୁମ୍ଭର ଚକ୍ଷୁ ପରସ୍ତ୍ରୀକୁ ଦେଖିବ, ତୁମ୍ଭ ହୃଦୟ କୁଟିଳ କଥା କହିବ ।"

ଏହି ଚିତ୍ରରେ, ମସ୍ତକର ଠିକ୍ ନିମ୍ନ ଭାଗରେ ହୃଦୟଟି ଅବସ୍ଥିତ ଯାହା ଭିନ୍ନ ଭିନ୍ନ ଜୀବଜନ୍ତୁଙ୍କ ଦ୍ୱାରା ପରିପୂର୍ଣ୍ଣ । ସେମାନେ ଭିନ୍ନ ପାପକୁ ପ୍ରକାଶ କରୁଛନ୍ତି, କାରଣ ହୃଦୟ ପାପର ବାସସ୍ଥଳୀ ଅଟେ । ଯେପରି ଈଶ୍ୱର ତାହାଙ୍କର ଭାବବାଦୀ ଯିରିମିୟଙ୍କ ଦ୍ୱାରା କହିଛନ୍ତି, "ଅନ୍ତଃକରଣ ସବୁଠାରୁ କପଟମୟ ଓ ଅପ୍ରତିକାର୍ଯ୍ୟ ରୂପ ପୀଡ଼ିତ, କିଏ ତାହା ଜାଣିପାରେ ?" (ଯିରିମିୟ ୧୭: ୯ ) ପ୍ରଭୁ ଯୀଶୁ ମଧ୍ୟ ଏହାକୁ ସମର୍ଥନ କରି କହିଛନ୍ତି, "କାରଣ ଭିତରୁ, ମନୁଷ୍ୟର ହୃଦୟରୁ, କୁଚିନ୍ତା ବାହାରେ— ବେଶ୍ୟାଗମନ, ଚୌର୍ଯ୍ୟ, ନରହତ୍ୟା, ବ୍ୟଭିଚାର, ଲୋଭ, ଦୁଷ୍ଟତା, ଶଠତା, କାମୁକତା, ଈର୍ଷାଦୃଷ୍ଟି, ନିନ୍ଦା, ଅହଙ୍କାର, ମୂର୍ଖତା, ଏହି ସମସ୍ତ ମନ୍ଦ ବିଷୟ ଭିତରୁ ବାହାରି ମନୁଷ୍ୟକୁ ଅଶୁଚି କରେ" (ମାର୍କ ୭: ୨୧-୨୩) ।

୧ । ମୟୂର:— ମୟୂରର ସୌନ୍ଦର୍ଯ୍ୟକୁ ସମସ୍ତେ ପ୍ରଶଂସା କରି ଥାଆନ୍ତି କିନ୍ତୁ ଏହି ଚିତ୍ରରେ ମନୁଷ୍ୟର ହୃଦୟରେ ରହିବାର ଅର୍ଥ, ଗର୍ବ, ଅହଙ୍କାର ରୂପ ପାପ । ଈଶ୍ୱରଙ୍କର ଜ୍ୟୋତି ବହନକାରୀ

Copyright ANGP

ଅଭିଷିକ୍ତ କରୂବ ଲୁସିଫର, ଯେ କି ସ୍ୱର୍ଗଦୂତ ଥିଲା ଗର୍ବ ହେତୁ ପତିତ ହୋଇ ତାହାଙ୍କର ଶତ୍ରୁ ଶୟତାନରେ ପରିଣତ ହୋଇଥିଲା (ଯିଶାଇୟ ୧୪:୧୨-୧୭; ଯିହିଜିକଲ ୨୮: ୧୨-୧୭) ।

ଗର୍ବ ନରକର ଅତଳ ତଳରୁ ନିର୍ଗତ ହୋଇ ଭିଭିନ୍ନ ରୂପରେ ପ୍ରକାଶିତ ହୁଏ । କେତେକ ସେମାନଙ୍କର ଧନ ସମ୍ପଦ ପାଇଁ ଗର୍ବ କରନ୍ତି । କେହି କେହି ଶିକ୍ଷାଦୀକ୍ଷା ହେତୁ ଗର୍ବ କରିଥାନ୍ତି । କେତେ ନିର୍ଲଜ୍ଜ ଭାବରେ ଶାରୀରିକ ସୌନ୍ଦର୍ଯ୍ୟକୁ ପ୍ରକାଶ କରୁଥିବା ଚୁକଟକ୍ୟ ବସ୍ତ୍ର ପାଇଁ ଗର୍ବ କରନ୍ତି । କେତେକ ରୁଣୁଝୁଣୁ ଶବ୍ଦକାରୀ ଅଳଙ୍କାର, ଗଳାହାର ଓ ମୁଦ୍ରି ପ୍ରଭୃତି ହେତୁ ଗର୍ବ କରିଥାନ୍ତି, ଯାହା ଯିଶାଇୟ ୩: ୧୭-୨୪ ପଦରେ ବର୍ଣ୍ଣିତ ହୋଇଛି । କେତେକ ବଂଶ ମର୍ଯ୍ୟାଦା, ଜାତୀୟ ଚରିତ୍ର, ସଭ୍ୟତା, କ୍ରୀଡ଼ା ନୈପୁଣ୍ୟତା ଇତ୍ୟାଦି ବିଷୟରେ ଗର୍ବ କରିଥାନ୍ତି । ସେମାନେ ଭୁଲି ଯାଆନ୍ତି ଯେ, "ଈଶ୍ୱର ଅହଙ୍କାରୀମାନଙ୍କର ପ୍ରତିରୋଧ କରି ନମ୍ର ଲୋକମାନଙ୍କୁ ଅନୁଗ୍ରହ କରନ୍ତି" (୧ପିତର ୫:୫) ଈଶ୍ୱର ଅହଙ୍କାର ଓ ଦାମ୍ଭିକତାକୁ ଘୃଣା କରନ୍ତି (ହିତୋପଦେଶ ୮:୧୩) । "ଅହଙ୍କାର ସର୍ବନାଶର ସମ୍ମୁଖରେ ଥାଏ, ପୁଣି ଦାମ୍ଭିକ ମନ ପତନର ସମ୍ମୁଖରେ ଥାଏ'' (ହିତୋପଦେଶ ୧୬:୧୮) ।

Copyright ANCP

୨ । ଲୁଚଗଲ- ଲୁଚଗଲ ଶାରୀରିକ ଅଭିଳାଷ, କୁଦୃଷ୍ଟି, ବେଶ୍ୟାଗମନ ଓ ବ୍ୟଭିଚାରର ପ୍ରତୀକ । ବର୍ତ୍ତମାନ ଏହି ଶେଷ ସମୟରେ ଉଲ୍ଲିଖିତ ପାପ ସବୁ ଏପରି ବଢି ଯାଇଛି ଯେ ଆମ୍ଭେମାନେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ପ୍ରାୟ ଦୁଇ ହଜାର ବର୍ଷ ପୂର୍ବର ଭବିଷ୍ୟତ ବାଣୀ ସ୍ୱୀକାର କରିବାକୁ ବାଧ୍ୟ ହେବୁ, ଯଥା, ଶେଷ ସମୟର ଅବସ୍ଥା ସଦୋମ ଓ ଗମୋରାର ସମୟର ଅବସ୍ଥା ପରି ହେବ । ଆଧୁନିକ ଯୁଗର ଆତ୍ମା କେବଳ ଯେ ମନୁଷ୍ୟକୁ ହାତ ମୁଠାରେ ରଖିଛି ବା ଧର୍ମପରାୟଣ ଲୋକମାନଙ୍କର ଗୃହ ଓ ସ୍କୁଲ, ହଷ୍ଟେଲ ଇତ୍ୟାଦି ପ୍ରତିଷ୍ଠାନମାନଙ୍କରେ ପ୍ରବେଶ କରିଛି, ତାହା ନୁହେଁ, କିନ୍ତୁ ଏହି ଧ୍ୱଂସକାରୀ ବୀଜ ମାନବଜାତିର ହୃଦୟରେ ସିନେମା, ଥିଏଟର, ଅଶ୍ଳୀଳ ସାହିତ୍ୟ ପ୍ରଭୃତି ମାଧ୍ୟମରେ ଏପରି ନିର୍ଲଜ୍ଜ ଓ

ନାଇକୀପ୍ସ ଶଠତାରେ ଘୃଣା ହୋଇଛି ଯେ, ଈଶ୍ୱରଙ୍କ ଦୃଷ୍ଟିରେ ଯାହା ପାପ, ତାହାକୁ ଆଧୁନିକ ନୀତି ବା ସଭ୍ୟତା ବୋଲି ଧରା ହେଉଛି । ହଜାର ହଜାର ଯୁବକ ଯୁବତୀ ସିନେମା ଓ ଉପନ୍ୟାସରୁ ଜୀବନର ଆଦର୍ଶ ଗ୍ରହଣ କରି କେବଳ ଦୁଃଖ, ଲଜ୍ୟା ଓ ମନସ୍ତାପରେ କାଳ ଅତିବାହିତ କରୁଛନ୍ତି । ନୀତି ଜ୍ଞାନ ହୀନ ଓ ଅସତ୍ ଚରିତ୍ର ଅଭିନେତା ଓ ଅଭିନେତ୍ରୀମାନେ ହିଁ ଆଧୁନିକ ଯୁବ ସମାଜର ଆଦର୍ଶ । ନୃତ୍ୟଶାଳା ଗୁଡ଼ିକ ନୀତିହୀନତାର ଉତ୍ପତ୍ତି ସ୍ଥଳ । ଯୋଷେଫଂ (ଆଦି ପୁସ୍ତକ ୩୯ ଅଧ୍ୟାୟ) ଓ ଈଶ୍ୱରଙ୍କର ଅନ୍ୟାନ୍ୟ ଭକ୍ତ ଦାସମାନଙ୍କୁ ଆଜି ଆଦର୍ଶ ଭାବରେ ଗ୍ରହଣ କରା ହେଉନାହିଁ । ଆଫ୍ରିକାର ଜୁଲୁ ନାମକ ପରଜାତି ଅସଭ୍ୟ ହେଲେ ମଧ୍ୟ ବ୍ୟଭିଚାରୀ ଓ ବ୍ୟଭିଚାରିଣୀମାନଙ୍କର ପ୍ରାଣଦଣ୍ଡ ଦେଇଥାଆନ୍ତି । ସେମାନଙ୍କଠାରୁ ମଧ୍ୟ ଏହି ଆଧୁନିକ ସଭ୍ୟ ଜଗତର ଅନେକ କିଛି ଶିଖିବାର ଅଛି । ବିଚାର ଦିନରେ ସେମାନେ ଆମ୍ଭ-ମାନଙ୍କ ବିରୁଦ୍ଧରେ ଠିଆ ହୋଇ ସାକ୍ଷୀ ଦେବେ । ବ୍ୟଭିଚାର ସହିତ ଖେଳ ନ କରି ତାଠାରୁ ପଳାୟନ କରିବାକୁ ଈଶ୍ୱର କହନ୍ତି । "ବ୍ୟଭିଚାରଠାରୁ ପଳାୟନ କର । ମନୁଷ୍ୟ ଅନ୍ୟ ଯେ କୌଣସି ପାପ କରେ, ତାହା ଶରୀରର ବହିର୍ଭୂତ; କିନ୍ତୁ ଯେ ବ୍ୟଭିଚାର କରେ, ସେ ଆପଣା ନିଜ ଶରୀର ବିରୁଦ୍ଧରେ ପାପ କରେ । ଅବା ତୁମ୍ଭମାନଙ୍କ ଶରୀର ଯେ ଈଶ୍ୱରଙ୍କଠାରୁ ପ୍ରାପ୍ତ ତୁମ୍ଭମାନଙ୍କର ଅନ୍ତର୍ବାସୀ ପବିତ୍ର ଆତ୍ମାଙ୍କ ମନ୍ଦିର, ଏହା କଅଣ ଜାଣ ନାହିଁ ? ଆଉ ତୁମ୍ଭେମାନେ ନିଜେ ନିଜର ନୁହଁ ।" (୧ କରିନ୍ଥୀ ୬: ୧୮-୧୯) । "ଯଦି କୌଣସି ଲୋକ ଈଶ୍ୱରଙ୍କ ମନ୍ଦିରକୁ ନଷ୍ଟ କରେ, ତେବେ ଈଶ୍ୱର ତାହାକୁ ନଷ୍ଟ କରିବେ; କାରଣ ଈଶ୍ୱରଙ୍କ ମନ୍ଦିର ପବିତ୍ର, ସେହି ମନ୍ଦିର ତୁମ୍ଭେମାନେ" (୧ କରିନ୍ଥୀ ୩: ୧୭) ।

୩ । ଶୂକର— ଶୂକର ମଳୁଆଳ ପଣ ଓ ମେନ୍ଟାକତା ରୂପ ପାପର ପ୍ରତୀକ । ଏହା ଏକ ଅପବିତ୍ର ଜୀବ, ଅଶୁଚି ମଇଳା ପଦାର୍ଥ ଖାଇବାକୁ ଭଲ ପାଏ, ସେହିପରି ପାପ ପୂର୍ଣ୍ଣ ହୃଦୟ ମଧ୍ୟ ପରାମର୍ଶ

ଅଶ୍ଳୀଳ ଅଭିବ୍ୟକ୍ତି, କୁତ୍ସିତ ଛବି, ବିକୃତ ସାହିତ୍ୟ ପ୍ରଭୃତି ଯାହା ପାଏ ତାହା ଉପଭୋଗ କରେ । ମନୁଷ୍ୟର ଶରୀର ଈଶ୍ୱରଙ୍କର ମନ୍ଦିର ହେବା ପାଇଁ ନିର୍ମିତ, କିନ୍ତୁ ତାହାକୁ ଅଶୁଚି ଖାଦ୍ୟ, ମନ୍ଦ ଅଭ୍ୟାସ, ଯେପରି ଧୂମ୍ରପାନ, ନାଶ, ଖଇନି, ଗଞ୍ଜେଇ, ଅଫିମ ଓ ଅନ୍ୟାନ୍ୟ କ୍ଷତି କାରକ ଔଷଧ ବା ମଦ ଇତ୍ୟାଦି ଦ୍ୱାରା ଆଜି ଅପବିତ୍ର କରା ହେଉଛି । ଧୂମ୍ରପାନ ଓ ଅଫିମ ଦ୍ୱାରା ଆଜି ମନୁଷ୍ୟ ଯେପରି ଭାବରେ ଆକର୍ଷିତ ହେଉଅଛି ତାହା କେବେ କଳ୍ପନା କରାଯାଇ ନ ଥିଲା । କେବଳ ମାତ୍ର ଈଶ୍ୱରଙ୍କ ଶକ୍ତି ହିଁ ଏହି ଧୂମ୍ରପାନାଶକ୍ତ ଓ ଶୟତାନର ଦାସମାନଙ୍କୁ ମୁକ୍ତ କରି ପାରେ । ଅନେକ ନାମଧାରୀ ଧାର୍ମିକମାନେ ମଧ୍ୟ ବିଡ଼ି, ସିଗାରେଟ ପାନ କରି ଗୀର୍ଜା ଘରକୁ ମଧ୍ୟ ଅପବିତ୍ର କରିବାକୁ ଛାଡ଼ନ୍ତି ନାହିଁ, ତେବେ ଧୂମ୍ରପାନର ଦୁର୍ଗନ୍ଧ ଦ୍ୱାରା ଶରୀର ରୂପ ଈଶ୍ୱରଙ୍କ ମନ୍ଦିରକୁ ଅପବିତ୍ର କରିବାର ପ୍ରଶ୍ନ ମଧ୍ୟ ଉଠୁ ନାହିଁ । ପ୍ରେରିତ ପାଉଲ କହନ୍ତି, "ତୁମ୍ଭମାନଙ୍କ ଶରୀର ଯେ ........ ପବିତ୍ର ଆତ୍ମାଙ୍କ ମନ୍ଦିର, ଏହା କଅଣ ଜାଣ ନାହିଁ ? ଯଦି କୌଣସି ଲୋକ ଈଶ୍ୱରଙ୍କ ମନ୍ଦିରକୁ ନଷ୍ଟ କରେ, ତେବେ ଈଶ୍ୱର ତାହାକୁ ନଷ୍ଟ କରିବେ ।" (୧ କରିନ୍ଥୀ ୬: ୧୮-୧୯; ୩. ୧୭) ।

ପେଟୁକମାନଙ୍କୁ ଈଶ୍ୱର ଘୃଣା କରନ୍ତି । ବଞ୍ଚିବା ପାଇଁ ଆମ୍ଭେମାନେ ଖାଉଁ, କିନ୍ତୁ କେବଳ ଖାଇବା ପାଇଁ ଆମ୍ଭେମାନେ ବଞ୍ଚୁ ନାହୁଁ । କ୍ଷୁଧା ଉତ୍ତମ ଖାଦ୍ୟ ଦ୍ୱାରା ନିବୃତ୍ତ ହୁଏ, କିନ୍ତୁ ମାଂସିକ ଅଭିଳାଷ କେବେ ତୃପ୍ତ ହୁଏ ନାହିଁ । କାମନା ସର୍ବଦା କହେ, "ଦିଅ, ଦିଅ" ।

କାମନା କଦାପି ତୃପ୍ତ ହେବ ନାହିଁ । ବାଇବେଲରେ ପ୍ରବଚନ ନିୟମ ଅନୁଯାୟୀ ପେଟୁକ ଓ ମଦୁଆମାନେ ମୃତ୍ୟୁର ଯୋଗ୍ୟ (ଦ୍ୱିତୀୟ ବିବରଣ ୨୧. ୧୮-୨୧) । "ମଦୁଆଳ ଓ ପେଟୁକ ଦରିଦ୍ର ହେବେ; ଆଉ ଘୁମା, ମନୁଷ୍ୟକୁ ଚିରକନା ପିନ୍ଧାଇବ ।" (ହିତୋପଦେଶ ୨୩: ୨୧;୨୮;୭) । ମନେ ରଖନ୍ତୁ, ଜଣେ ପେଟୁକ ଓ ଶାରୀରିକ ଅଭିଳାଷ ଦ୍ୱାରା ଚାଳିତ ଧର୍ମୀ ବ୍ୟକ୍ତି ମୃତ୍ୟୁ ପରେ ଅକଥ୍ୟ ଯନ୍ତ୍ରଣା-

Copyright ANGP

ଦାସତ୍ୱର ନରକରେ ଯାଇ ପଡ଼ନ୍ତି । ଆଜି ମଦ୍ୟପାନ ରୂପ ମନ୍ଦ ଅଭ୍ୟାସର କଥା କହିବାର ଆବଶ୍ୟକତା ନାହିଁ । ଏହାର ପ୍ରଚଳନ ଏତେ ଅଧିକ ଯେ ଲୋକେ ଏହାକୁ ବଡ଼ ହାଲୁକା ମନେ କରନ୍ତି । ଈଶ୍ୱରଙ୍କ ବାକ୍ୟରେ ଏହା ପରିଷ୍କାର ଭାବରେ ଲେଖାଅଛି ଯେ, କୌଣସି ମଦୁଆ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବ ନାହିଁ । ସୁରା ଖାଦ୍ୟ ନୁହେଁ, କିନ୍ତୁ ମଦ୍ୟ ବିଶେଷ, ଯାହା ମନୁଷ୍ୟର ମନକୁ ବିଭ୍ରାନ୍ତ କରିଦିଏ । ଏହା ଦ୍ୱାରା ଉତ୍ତେଜିତ ହୋଇ ମଦ୍ୟପାୟୀମାନେ ହୀନବୁଦ୍ଧିର ପରିଚୟ ଦିଅନ୍ତି । କବୁଣ୍ଡିଆଙ୍କ ପରି କାର୍ଯ୍ୟ କରନ୍ତି, ଏପରିକି ନରହତ୍ୟା ମଧ୍ୟ କରି ଥାଆନ୍ତି । "ଦ୍ରାକ୍ଷାରସ ନିନ୍ଦକ, ମଦ୍ୟ କଳହକାରୀ; ଯେ କେହି ତଦ୍ଦ୍ୱାରା ଭ୍ରାନ୍ତ ହୁଏ, ସେ ଜ୍ଞାନବାନ୍ ନୁହେଁ" (ହିତୋପଦେଶ ୨୦:୧) ।

ଯେଉଁମାନେ ମଦ ପିଆନ୍ତି ଓ ନିଶା କରନ୍ତି ସେମାନେ ଈଶ୍ୱରଙ୍କ ସମ୍ମୁଖରେ ଦୋଷୀ । ଈଶ୍ୱର କହନ୍ତି, "ଯେଉଁମାନେ ଦ୍ରାକ୍ଷାରସ ପାନ କରିବାକୁ ପରାକ୍ରମୀ ଓ ମଦ୍ୟ ମିଶ୍ରିତ କରିବାକୁ ବଳବାନ୍........ ସେମାନେ ସନ୍ତାପର ପାତ୍ର ।" (ଯିଶାଇୟ ୫: ୨୨-୨୩) ।" "ଯେଉଁ ଜନ ଆପଣା ପ୍ରତିବାସୀର ଉଲଙ୍ଗତା ଦେଖିବା ନିମନ୍ତେ ତାହାକୁ ପାନ କରାଇବାକୁ ଦିଏ, ତହିଁ ସଙ୍ଗେ ଆପଣାର ବିଷ ମିଶାଇ ତାହାକୁ ମତ୍ତ କରେ, ସେ ସନ୍ତାପର ପାତ୍ର" (ହବକ୍କୂକ ୨:୧୫), "ସେମାନଙ୍କ ଭୋଜରେ ବୀଣା, ଓ ନେବଲ, ତବଲ ଓ ବଂଶୀ ଓ ଦ୍ରାକ୍ଷାରସ ଥାଏ; ମାତ୍ର ସେମାନେ ସଦାପ୍ରଭୁଙ୍କ କାର୍ଯ୍ୟ ନିରୀକ୍ଷଣ କରନ୍ତି ନାହିଁ କି ଅବା ତାହାଙ୍କର ହସ୍ତର କର୍ମ ସେମାନେ ବିବେଚନା କରି ନାହାନ୍ତି" (ଯିଶାଇୟ ୫: ୧୨), "ଅଧାର୍ମିକମାନେ ଯେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ଭ୍ରାନ୍ତ ହୁଅ ନାହିଁ; ବ୍ୟଭିଚାରୀ କି ପ୍ରତିମା ପୂଜକ, କି ପାରଦାରିକ କି ସ୍ତ୍ରୀବତ୍ ଆଚାରୀ କି ପୁଂମୈଥୁନକାରୀ କି ଚୋର କି ଧନଲୋଭୀ କି ମଦୁଆ କି ନିନ୍ଦକ କି ପରଦ୍ରବ୍ୟ ଲୁଣ୍ଠନକାରୀ, ଏମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ" (୧କରିନ୍ଥୀ ୬: ୯-୧୦) ।

Copyright ANGP

ମାନବ ସ୍ୱଭାବର ପାପ ସବୁ ସୁସ୍ପଷ୍ଟ । ତାହା ନିମ୍ନରେ ଉଲ୍ଲେଖ କରା ହେଲା, "ବ୍ୟଭିଚାର, ଅଶୁଚିତା, କାମୁକତା, ପ୍ରତିମାପୂଜା, କୁହୁକ, ଶତ୍ରୁତା, ବିବାଦ, ଦ୍ୱେଷ, କ୍ରୋଧ, ସ୍ୱାର୍ଥପରତା, ଦଳଭେଦ, ମତଭେଦ, ଈର୍ଷା, ମତ୍ତତା, ରଙ୍ଗରସ ଇତ୍ୟାଦି ପ୍ରକାର କର୍ମ ଗୁଡ଼ାକ··· ଯେଉଁମାନେ ଏହି ସବୁ ପ୍ରକାର କର୍ମ କରନ୍ତି, ସେମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ । (ଗାଲାତୀୟ ୫. ୧୯-୨୧), "ଆଉ ଦ୍ରାକ୍ଷାରସରେ ମତ୍ତ ନ ହୁଅ, ସେଥିରୁ ତ ଅତ୍ୟାଚାର ଜନ୍ମେ, ମାତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ଯାଅ", (ଏଫିସୀୟ ୫: ୧୮) ।

ପ୍ରଭୁ ଯୀଶୁ ପିପାସିତମାନଙ୍କୁ ଆହ୍ୱାନ କରନ୍ତି, "କେହି ଯଦି ତୃଷିତ ହୁଏ, ତେବେ ସେ ମୋ ନିକଟକୁ ଆସି ପାନ କରୁ"(ଯୋହନ ୭: ୩୭) । "ହେ ତୃଷିତ ଲୋକ ସକଳ, ତୁମ୍ଭେମାନେ ଜଳ ନିକଟକୁ ଆସ, ପୁଣି ଯାହାର କିଛି ଅର୍ଥ ନାହିଁ ସେ ଆସୁ, ତୁମ୍ଭେମାନେ ଆସ, କିଣ, ଓ ଭୋଜନ କର; ହଁ, ଆସ, ଅର୍ଥ ଓ ମୂଲ୍ୟ ବିନା ଦ୍ରାକ୍ଷାରସ ଓ ଦୁଗ୍ଧ କିଣ" (ଯିଶାଇୟ ୫୫.୧) । "କିନ୍ତୁ ମୁଁ ଯେଉଁ ଜଳ ଦେବି, ତାହା କେହି ପାନ କଲେ, ସେ କେବେହେଁ ତୃଷାର୍ତ୍ତ ହେବ ନାହିଁ, ବରଂ ମୁଁ ତାହାକୁ ଯେଉଁ ଜଳ ଦେବି, ତାହା ଅନନ୍ତ ଜୀବନ ଦାୟକ ଜଳର ନିର୍ଝର ସ୍ୱରୂପେ ତାହାଠାରେ ଉଚ୍ଛୁଳି ଉଠୁଥିବ" (ଯୋହନ ୪. ୧୪) ।

୪ । **କଚ୍ଛପ.**— କଇଁଛ ଆଳସ୍ୟ, ଦୀର୍ଘସୂତ୍ରିତା ଓ ଯାଦୁ ବିଦ୍ୟାର ପ୍ରତୀକ । "ଅବିଶ୍ୱାସ ଯାଦୁମନ୍ତ୍ର ତୁଲ୍ୟ ପାପ ।" "ଅଳସୁଆର ବାଞ୍ଛିତ ବିଷୟ ତାହାର ମୃତ୍ୟୁ ଘଟାଏ; କାରଣ ତାହାର ହସ୍ତ କର୍ମ କରିବାକୁ ନାସ୍ତି କରେ । କେହି କେହି ଦିନଯାକ ଅତ୍ୟନ୍ତ ଲୋଭ କରନ୍ତି" (ହିତୋପଦେଶ ୨୧. ୨୫-୨୬) । ଯିହୋଶୂୟ ସେଥିପାଇଁ ଇସ୍ରାଏଲ ଜାତିକୁ କହିଥିଲେ, "ଦେଶ ଅଧିକାର କରିବାକୁ ବିଳମ୍ବ କରିବ ନାହିଁ ।" ଐଶ୍ୱରିକ ବିଷୟ ପ୍ରତି ମନୁଷ୍ୟ ସ୍ୱଭାବତଃ ଆଳସ୍ୟ ପରାୟଣ ହୋଇ ଥାଏ । ପ୍ରଭୁ ଯୀଶୁ କହନ୍ତି, "ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କରିବାକୁ ପ୍ରାଣପଣ କର ।" (ଲୂକ ୧୩. ୨୪), "ଯେ ଖୋଜେ, ସେ ସନ୍ଧାନ ପାଏ;" (ମାଥିଉ ୭: ୮) । "ସ୍ୱର୍ଗରାଜ୍ୟ

Copyright ANGP

ବଳରେ ଆକ୍ରାନ୍ତ ହେଉଅଛି, ପୁଣି ବଳରେ ଆକ୍ରମଣକାରୀମାନେ ପରାକ୍ରମରେ ତାହା ଅଧିକାର କରୁଅଛନ୍ତି" (ମାଥିଉ ୧୧. ୧୨) ।

ପରିତ୍ରାଣ ଓ ଆତ୍ମିକ ଉନ୍ନତି ବିଷୟରେ ଦୀର୍ଘସୂତ୍ରିତାର ପରିଣାମ ବିନାଶ । ଦୀର୍ଘସୂତ୍ରିତା ପ୍ରାର୍ଥନା କରିବାକୁ ଦିଏ ନାହିଁ, ଈଶ୍ୱରଙ୍କର ଗଭୀର ବିଷୟ ସବୁ ଅନୁସନ୍ଧାନ କରିବାକୁ ଦିଏ ନାହିଁ, ଅତ୍ୟନ୍ତ ପ୍ରୟୋଜନୀୟ ପ୍ରତିଜ୍ଞାମାନଙ୍କର ଫଳ ଲାଭରୁ ବଞ୍ଚିତ କରେ, ବରଂ ବିନାଶ ପଥରେ କଢ଼ାଇ ନିଏ । ଈଶ୍ୱର ଯେତେବେଳେ ତାଙ୍କ ପ୍ରତି ହୃଦୟ ମୁକ୍ତ କରିବାକୁ ପ୍ରେରଣା ଦିଅନ୍ତି, ସେ ସମୟରେ ଶୟତାନ କହେ, "ଏବେ ବ୍ୟସ୍ତ ହେବାର କଅଣ ଦରକାର ? କାଲି ବା ଅନ୍ୟ ସୁବିଧା ସମୟରେ କରିବ" । ବୋଧହୁଏ ସେ ସମୟ ଆଉ ଆପଣଙ୍କ ଜୀବନରେ କେବେ ଆସିବ ନାହିଁ । ଆପଣ ପରିତ୍ରାଣ ବିହୀନ ଓ ଖ୍ରୀଷ୍ଟ ବିହୀନ ଅବସ୍ଥାରେ ହିଁ ମୃତ୍ୟୁ ବରଣ କରିବେ । ଈଶ୍ୱର କହନ୍ତି, "ଆଜି ଯଦି ତୁମ୍ଭେମାନେ ତାହାଙ୍କ ବାଣୀ ଶୁଣ ..... ଆପଣା ଆପଣା ହୃଦୟ କଠିନ ନ କର" ( ଏବ୍ରୀ ୩: ୭-୮ ) । ଏହିପରି ଅନେକ ଲୋକ ପରିତ୍ରାଣ ଲାଭ କରିବ ପାଇଁ ସୁବିଧା ସମୟର ଅପେକ୍ଷାରେ ରହି ନରକସ୍ଥ ହୋଇଛନ୍ତି, ତାହା ସେମାନଙ୍କ ଜୀବନରେ କେବେ ଆସି ନାହିଁ । ସେମାନେ ବିନାଶ ପଥରେ ଚାଲି ଯାଇଛନ୍ତି । ଆସନ୍ତା କାଲି ଆପଣଙ୍କ ପାଇଁ ନୁହେଁ, ତାହା ପାଇଁ ଅପେକ୍ଷା କରନ୍ତୁ ନାହିଁ ।

କଇଁଛର ପିଠିରେ ଥିବା ଅର୍ଦ୍ଧଗୋଲାକୃତି ଚମଡ଼ାର ଖୋଳକୁ ଯାଦୁକରମାନେ ଯାଦୁବିଦ୍ୟାରେ ବ୍ୟବହାର କରିଥାଆନ୍ତି । ଏଠାରେ କଚ୍ଛପ ଯାଦୁ ବିଦ୍ୟାରେ ବିଶ୍ୱାସ ବା ଅଭ୍ୟାସ କରିବା ବା ଭାଗ୍ୟ କଥନରେ ବିଶ୍ୱାସ କରିବା ଇତ୍ୟାଦି ପାପକୁ ବୁଝାଏ । ଆମ୍ଭେମାନେ ଯେତେବେଳେ ପରୀକ୍ଷା, ଅସୁସ୍ଥତା, ପ୍ରତିକୂଳ ଅବସ୍ଥାରେ ପଡୁ, ପ୍ରିୟଜନମାନଙ୍କର ବିଚ୍ଛେଦ ବ୍ୟଥା ହୃଦୟକୁ ଘାରି ପକାଏ ସେ ସମୟରେ ଅଦୃଷ୍ଟରେ ବିଶ୍ୱାସ ନ କରି ଜୀବନ୍ତ ଈଶ୍ୱରଙ୍କ ଉପରେ ବିଶ୍ୱାସ କରିବା ଉଚିତ, କାରଣ ଯେଉଁମାନେ ଈଶ୍ୱରଙ୍କ ଉପରେ ନିର୍ଭର କରନ୍ତି ସେ ସେମାନଙ୍କୁ

ସାହାଯ୍ୟ କରିବାକୁ ସର୍ବଦା ପ୍ରସ୍ତୁତ । "ସଦା ପ୍ରଭୁଙ୍କ ଦ୍ୱାରା ମନୁଷ୍ୟର ଗତି ସୁସ୍ଥିରୀକୃତ ହୁଏ" (ଗୀତ ସଂହିତା ୩୭: ୨୩) । "ତୁମ୍ଭମାନଙ୍କ ମଧ୍ୟରେ କଅଣ କେହି ପୀଡିତ ? ସେ ମଣ୍ଡଳୀର ପ୍ରାଚୀନମାନଙ୍କୁ ଡକାଉ, ସେମାନେ ପ୍ରଭୁଙ୍କ ନାମରେ ତୈଳ ମଖାଇ ତାହା ନିମନ୍ତେ ପ୍ରାର୍ଥନା କରନ୍ତୁ । ବିଶ୍ୱାସଯୁକ୍ତ ପ୍ରାର୍ଥନା ସେହି ରୋଗୀକୁ ରକ୍ଷା କରିବ, ପୁଣି ପ୍ରଭୁ ତାହାକୁ ଉଠାଇବେ; ଆଉ ଯଦି ସେ ପାପ କରିଥାଏ, ତାହାହେଲେ ତାହାକୁ କ୍ଷମା କରାଯିବ । ଅତଏବ ପରସ୍ପର ନିକଟରେ ଆପଣା ଆପଣାର ପାପ ସ୍ୱୀକାର କର, ପୁଣି ସୁସ୍ଥ ହେବା ନିମନ୍ତେ ପରସ୍ପର ପାଇଁ ପ୍ରାର୍ଥନା କର । ଧାର୍ମିକ ବ୍ୟକ୍ତିର ପ୍ରାର୍ଥନା ଅନେକ କାର୍ଯ୍ୟ ସାଧନ କରିପାରେ" (ଯାକୁବ ୫: ୧୪-୧୬) । "କାରଣ ପୂର୍ବ ଦିଗରୁ, କି କି ପଶ୍ଚିମ ଦିଗରୁ, କି ଅବା ଦକ୍ଷିଣ ଦିଗରୁ ଉନ୍ନତି ଆସେ ନାହିଁ । ମାତ୍ର ପରମେଶ୍ୱର ବିଚାରକର୍ତ୍ତା ଅଟନ୍ତି; ସେ ଏକକୁ ଅବନତ ଓ ଅନ୍ୟକୁ ଉନ୍ନତ କରନ୍ତି" [ଗୀତସଂହିତା ୭୫: ୬-୭] । ଈଶ୍ୱର ଇସ୍ରାଏଲ ସନ୍ତାନମାନଙ୍କୁ ଆଜ୍ଞା ଦେଇଥିଲେ, "ସେଠାରେ ଆପଣା ପୁତ୍ରକୁ କି ଆପଣା କନ୍ୟାକୁ ଅଗ୍ନି ମଧ୍ୟଦେଇ ଗମନ କରାଇବା ଲୋକ, ଅବା ମନ୍ତ୍ରଜ୍ଞ, ଶୁଭାଶୁଭ ବାଦୀ, କି ଗଣକ, କି ମାୟାବୀ, କି ମୋହକ, କି ଭୂତୁଡ଼ିଆ, କି ଗୁଣୀ, କି ପ୍ରେତ ପରାମର୍ଶୀ ଲୋକ ତୁମ୍ଭ ମଧ୍ୟରେ ଦେଖାଯିବ ନାହିଁ । ଯେହେତୁ ଯେ କେହି ଏପରି କର୍ମ କରେ, ସେ ସଦାପ୍ରଭୁଙ୍କର ଘୃଣାପାତ୍ର" [ଦ୍ୱିତୀୟ ବିବରଣ ୧୮: ୧୦-୧୨] । "କୁକ୍କୁରମାନେ, ମାୟାବୀ, ବ୍ୟଭିଚାରୀ, ନରଘାତକ, ପ୍ରତିମାପୂଜକ, ପୁଣି ମିଥ୍ୟା ପ୍ରିୟ ଓ ମିଥ୍ୟାଚାରୀମାନେ ବାହାରେ ରହିବେ" [ପ୍ରକାଶିତ ୨୨:୧୫] । ଆପଣ ମନ୍ତ୍ରଜ୍ଞ, ଗଣକମାନଙ୍କ ନିକଟକୁ ଯିବେ ନାହିଁ, ବା ମନ୍ତ୍ରଣା କରିବେ ନାହିଁ, ତାହା ହେଲେ ସେମାନଙ୍କର ପାପରେ ଜଡ଼ିତ ହୋଇ ପଡ଼ିବେ । "ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱର ଅଟୁ" [ଲେବୀୟ ୧୯:୩୧], "ପୁଣି ଯେତେବେଳେ ସେମାନେ ତୁମ୍ଭମାନଙ୍କୁ କହିବେ, ଯେଉଁ ଭୂତୁଡ଼ିଆ ଓ ଗୁଣିମାନେ ଚିଁ ଚିଁ ଓ ଫୁସ୍ ଫୁସ୍

Copyright ANGR

କରି କହନ୍ତି ସେମାନଙ୍କର ଅନ୍ୱେଷଣ କର; [ତୁମ୍ଭମାନେ କୁହ] ଲୋକମାନେ କଣ ଆପଣାମାନଙ୍କ ପରମେଶ୍ୱରଙ୍କ ଅନ୍ୱେଷଣ କରିବେ ନାହିଁ ? ସେମାନେ କଣ ଜୀବିତମାନଙ୍କ ସପକ୍ଷରେ ମୃତମାନଙ୍କର ଅନ୍ୱେଷଣ କରିବେ ? ବ୍ୟବସ୍ଥା ଓ ପ୍ରମାଣ ବାକ୍ୟରେ ଅନ୍ୱେଷଣ କର । ଯେବେ ସେମାନେ ଏହି ବାକ୍ୟାନୁସାରେ କଥା ନ କହନ୍ତି ତେବେ ନିଶ୍ଚୟ ସେମାନଙ୍କ ନିମନ୍ତେ ଅରୁଣୋଦୟ ନାହିଁ [ଯିଶାଇୟ ୮.୧୯-୨୦ ] ।

ଏହି ଗ୍ରନ୍ଥ ବହିଟିକୁ ପଢିବା ସମୟରେ ଈଶ୍ୱର ନିଶ୍ଚୟ ଆପଣଙ୍କ ହୃଦୟରେ କଥା କହୁଛନ୍ତି, ଯେପରି ଆପଣ ପାପରୁ ମନ ଫେରାଇ ଈଶ୍ୱରଙ୍କ ନିକଟରେ ନିଜକୁ ସମର୍ପଣ କରନ୍ତୁ । କିନ୍ତୁ ଆପଣଙ୍କ ଅନ୍ତରରେ ଯେଉଁ କଚ୍ଛପର ଆତ୍ମା ଅଛି ସେ ଈଶ୍ୱରଙ୍କ ସମ୍ବନ୍ଧୀୟ ସିଦ୍ଧାନ୍ତକୁ ତ୍ୟାଗ କରିବାକୁ ପରାମର୍ଶ ଦେଉଛି ଓ ଆପଣଙ୍କ ହୃଦୟକୁ ଉତ୍ୟକ୍ତ କରାଉଛି । ଆପଣଙ୍କ ମନରେ ନିଶ୍ଚୟ ଏହି କଥା ଉଠୁଛି, "ମୁଁ ଯଦି ପ୍ରକୃତରେ ଖ୍ରୀଷ୍ଟିୟାନ ହୁଏ, ତେବେ ମୋର ସ୍ୱଜାତି, ବନ୍ଧୁଗଣ ଓ ପ୍ରତିବାସୀମାନେ କଣ କହିବେ ? ପ୍ରିୟବନ୍ଧୁ, ଖ୍ରୀଷ୍ଟ ଯୀଶୁଙ୍କଠାରେ ଥିବା ଅପରିମେୟ ଧନ, ଅପୂର୍ବ ଶାନ୍ତି, ଅବର୍ଣ୍ଣନୀୟ ଆନନ୍ଦ, ଗୌରବ, ଆନନ୍ଦମୟ ଅନନ୍ତ ଜୀବନ ଇତ୍ୟାଦି ବିଷୟ ଚିନ୍ତା ନ କରି ବରଂ ଖ୍ରୀଷ୍ଟ ଯୀଶୁଙ୍କୁ ହୃଦୟରେ ପ୍ରବେଶ କରିବାକୁ ଦେଲେ ଯେଉଁ ସବୁ ବିଷୟ ଆପଣଙ୍କୁ ପରିତ୍ୟାଗ କରିବାକୁ ହେବ, ସେହି ସବୁ ବିଷୟରେ ଅଧିକ ମନଯୋଗୀ ହେବାରୁ, ଶୟତାନ ମନୁଷ୍ୟର ଭୟ ଓ ମୃତ୍ୟୁ ଭୟ ଦେଖାଇ ଆପଣଙ୍କୁ ଦାସତ୍ୱ ଶୃଙ୍ଖଳରେ ଆବଦ୍ଧ କରି ରଖୁଛି । କିନ୍ତୁ ଖ୍ରୀଷ୍ଟ ଆସିଥିଲେ ଯେପରି "ମୃତ୍ୟୁର ଭୟରେ ଯେଉଁମାନେ ଯାବଜ୍ଜୀବନ ଦାସତ୍ୱର ବନ୍ଧନରେ ଥିଲେ, ସେମାନଙ୍କୁ ସେ ଉଦ୍ଧାର କରନ୍ତି" (ଏବ୍ରୀ ୨: ୧୫) । ଏଣୁ ଯାଢ଼ଁସୁନିତାର ଆତ୍ମା ଆପଣଙ୍କ ହୃଦୟକୁ ଏପରି କଠିନ କରୁଛି ଯେ, ସେ ପର୍ଯ୍ୟନ୍ତ ତାହା କଚ୍ଛପର ଉପର ଖୋଳ ପରି ଶକ୍ତ ନ ହୁଏ ।

୫ । ଚିତାବାଘ— ଚିତାବାଘ ଖୁବ୍ କ୍ରୋଧୀ ଓ ହିଂସ୍ର ପଶୁ । ମନୁଷ୍ୟ ମଧ୍ୟ ଘୃଣା, ରାଗ ଓ ଉଦ୍ଧତ ସ୍ୱଭାବର ବଶବର୍ତ୍ତୀ ହୋଇ

ସାମାନ୍ୟ କାରଣରେ ନରହତ୍ୟା କରିଥାଏ । ଆପଣ ହୁଏତ କିଛି କ୍ଷଣ ଚେଷ୍ଟା କରି ନିଜର ବଦ୍‌ମେଜାଜକୁ ବଶରେ ରଖି ପାରନ୍ତି କିନ୍ତୁ ସୁବିଧା ପାଇଲେ ତାହା ଭୟଙ୍କର ରୂପ ଧାରଣ କରେ । ଏହାକୁ ସ୍ୱୀକାର କରି ଏଥିରୁ ମୁକ୍ତ ହେବା ପାଇଁ ଯୀଶୁଙ୍କ ଶରଣାପନ୍ନ ହେବା ସର୍ବାପେକ୍ଷା ଶ୍ରେଷ୍ଠ ଉପାୟ । "ଆପଣା ଆପଣା ପ୍ରତି ବିରକ୍ତ ହୁଅ ନାହିଁ" (ଆଦି ୪୫-୫) । "କ୍ରୋଧରୁ କ୍ଷାନ୍ତ ହୁଅ ଓ କୋପ ତ୍ୟାଗ କର; ଆପଣାକୁ ବିରକ୍ତ କରନାହିଁ, ତାହା କେବଳ ଦୁଷ୍କର୍ମ କରିବାକୁ ପ୍ରବର୍ତ୍ତାଏ" (ଗୀତ ସଂହିତା ୩୭. ୮) କୋପ ଦୁର୍ଦ୍ଦାନ୍ତ, ଓ କ୍ରୋଧ ପ୍ରଳୟକାରୀ; ମାତ୍ର ଅନ୍ତର୍ଜ୍ୱାଳା ଆଗରେ କିଏ ଠିଆ ହୋଇ ପାରେ ?" (ହିତୋପଦେଶ ୨୭.୪) । "କ୍ରୋଧ କରିବା ପାଇଁ ଆପଣା ଆତ୍ମାରେ ଚଞ୍ଚଳ ହୁଅ ନାହିଁ । କାରଣ ମୂର୍ଖମାନଙ୍କ ହୃଦୟରେ କ୍ରୋଧ ଅବସ୍ଥାନ କରେ" (ଉପଦେଶକ ୭.୯; ୧୧.୧୦) । "କ୍ରୋଧ, ରାଗ ହିଂସା, ନିନ୍ଦା, ମୁଖରୁ କୁତ୍ସିତ ବାକ୍ୟ, ଏହିସବୁ ପରିତ୍ୟାଗ କର" (କଲସୀ ୩.୮),

ଅନେକ କାପୁରୁଷ ମନ୍ଦ କାର୍ଯ୍ୟ କରିବା ପାଇଁ ବା ପ୍ରତିଶୋଧ ନେବା ପାଇଁ ପ୍ରେରଣା ପାଇବାକୁ ମଦ୍ୟପାନ କରି ଥାଆନ୍ତି । କିନ୍ତୁ ସେମାନଙ୍କର ଦ୍ରାକ୍ଷାରସ ନାଗସର୍ପର ଗରଳ, ଓ କାଳ ସର୍ପର କ୍ରୂର ବିଷ" [ଦ୍ୱିତୀୟ ବିବରଣ ୩୨:୩୩] ଯେଉଁମାନଙ୍କର ହୃଦୟ ପାପରେ ପରିପୂର୍ଣ୍ଣ ସେମାନେ ପ୍ରତିଶୋଧ ନେବାକୁ ବ୍ୟଗ୍ର ହୁଅନ୍ତି, କିନ୍ତୁ ଆମ୍ଭମାନଙ୍କ ପାଇଁ ଈଶ୍ୱରହିଁ ପ୍ରତିଶୋଧ ନିଅନ୍ତି । ଯୀଶୁ କହନ୍ତି, "ତୁମ୍ଭର ପ୍ରତିବାସୀକୁ ଆତ୍ମ ତୁଲ୍ୟ ଜ୍ଞାନ କରିବ ଓ ତୁମ୍ଭର ଶତ୍ରୁକୁ ପ୍ରେମ କରିବ," ଯଦି ଆମ୍ଭେମାନେ ନିଜ ନିଜର ଅପରାଧିମାନଙ୍କୁ କ୍ଷମା କରୁ, ତେବେ ଈଶ୍ୱର ଆମ୍ଭମାନଙ୍କର ପାପସବୁ କ୍ଷମା କରିବେ ବୋଲି ପ୍ରତିଜ୍ଞା କରି ଅଛନ୍ତି । ଏକ ଜିଦ୍‌ଖୋର ଓ ବିବାଦପ୍ରିୟ ଉଭୟେ ଈଶ୍ୱରଙ୍କ ଦୃଷ୍ଟିରେ ଘୃଣ୍ୟ । ଯୁଦ୍ଧ ଓ ରକ୍ତପାତ କରିବାକୁ ଅଭିଳାଷ ହୃଦୟରୁ ଦୂର କରିବା ପାଇଁ ନିତ୍ୟସ୍ଥାୟୀ ଶାନ୍ତି ହୃଦୟରେ ପ୍ରତିଷ୍ଠିତ ହେବା ଉଚିତ ।

୬ । ସାପ—ସାପ ଏଦନ ଉଦ୍ୟାନରେ ହବାଙ୍କୁ ଭୁଲାଇ ଈଶ୍ୱର ଓ ମନୁଷ୍ୟ ମଧ୍ୟରେ ଯେଉଁ ମଧୁର ସମ୍ପର୍କ ଓ ସହଭାଗିତା ଥିଲା ତାହା ନଷ୍ଟ କରି ଦେଇଥିଲା । ସେହି ପତିତ ସ୍ୱର୍ଗଦୂତ ଲୁସିଫର ବା ଶୟତାନ, ଆଦମ ହବାଙ୍କର ଈଶ୍ୱରଙ୍କ ସହିତ ସିଦ୍ଧ ଓ ପବିତ୍ର ମିଳନକୁ ସହ୍ୟ କରି ପାରିଲା ନାହିଁ, ପୃଥିବୀ ଉପରେ ସେମାନଙ୍କର ଆଧିପତ୍ୟ ଦେଖି ଈର୍ଷାନ୍ୱିତ ହେଲା । ଏହି ପୈଶାଚିକ ଈର୍ଷା ଓ ହିଂସାର ବଶବର୍ତ୍ତୀ ହୋଇ ମନୁଷ୍ୟ ଅନ୍ୟର ଶାନ୍ତି ନଷ୍ଟ କରେ । ଈର୍ଷା ବା "ଅନ୍ତର୍ଜ୍ୱାଳା ପାତାଳ ପରି ନିଷ୍ଠୁର" [ପରମଗୀତ ୮:୬], ଏଥିପାଇଁ ମନୁଷ୍ୟର ହୃଦୟରେ ମନ୍ଦ ଚିନ୍ତାର ଉଦ୍ରେକ ହୋଇ ନରହତ୍ୟାରେ ପରିଣତ ହୋଇଥାଏ । ଅନେକ ପରିବାରମାନଙ୍କ ମଧ୍ୟରେ ତାହା ବେଶୀ ଦେଖା ଯାଇ ଥାଏ । ବ୍ୟବସାୟ ଓ ଜୀବନର ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ତାହା ଅବର୍ଣ୍ଣନୀୟ ଦୁଃଖ ଓ ଘୃଣାର କାରଣ ହୋଇ ଥାଏ । ଏପରି କି ଖ୍ରୀଷ୍ଟିୟାନ କାର୍ଯ୍ୟକାରୀ, ପ୍ରଚାରକ ଓ ପୁରୋହିତଗଣ ମଧ୍ୟ ଏହାର ପ୍ରଭାବରୁ ରକ୍ଷା ପାଇ ନାହାନ୍ତି । ଅନ୍ୟକୁ ନିଜ ଠାରୁ ଅଧିକ ବ୍ୟବହୃତ ହେବାର ଦେଖିଲେ ସେମାନଙ୍କ ହୃଦୟରେ ଈର୍ଷା ପ୍ରଜ୍ୱଳିତ ହୁଏ । ଏଣୁ ଖ୍ରୀଷ୍ଟିୟାନ କର୍ମୀଗଣ ସର୍ବଦା ସତର୍କ ହୋଇ ରହିବା ଉଚିତ ଏବଂ ପବିତ୍ରଆତ୍ମା ଯେଉଁ ଐଶ୍ୱରିକ ପ୍ରେମ ଆମ୍ଭମାନଙ୍କ ହୃଦୟରେ ସେଚନ କରି ଥାଆନ୍ତି, ସେଥିରେ ପରିପୂର୍ଣ୍ଣ ହୋଇ ରହିବା ଦରକାର ନହୁବା ପାଶବିକ ଈର୍ଷାରେ ସେମାନଙ୍କର ଐଶ୍ୱରିକ ସେବାର ଜୀବନ ନଷ୍ଟ ହୋଇଯିବ ।

୭ । ବେଙ୍ଗ:—ମାଟି ଖାଏ । ବେଙ୍ଗ ଲୋଭ ଓ ଧନାସକ୍ତି ରୂପ ପାପକୁ ବୁଝାଏ, ଯାହା ସମସ୍ତ ମନ୍ଦର ମୂଳ [୧ତିମୋଥି ୬:୧୦] । ଆଫ୍ରିକା ମହାଦେଶର କଙ୍ଗୋ ନାମକ ଦେଶରେ ବେଙ୍ଗମାନେ ଭୂଇ ଖାଇ ଖାଇ ପେଟ ଫାଟି ମରି ଯାଆନ୍ତି । ଲୋଭୀ ଲୋକ କେବେ ହେଁ ଦରିଦ୍ର-ମାନଙ୍କୁ ସାହାଯ୍ୟ କରିବାକୁ ଇଚ୍ଛା କରେ ନାହିଁ, ବରଂ ସତ୍ ବା ଅସତ୍ ଉପାୟରେ ଏହି ଜଗତର ଅସାର ଧନ ସଂଗ୍ରହ କରିବାକୁ ଚେଷ୍ଟା

Copyright ANGP

କରେ, ଯାହାକୁ କୀଟ ଓ କଳଙ୍କ ଖାଇଯାଏ । ଯୀଶୁ ନିଜେ କହିଥିଲେ, "ଯେଉଁଠାରେ କୀଟ ଓ କଳଙ୍କ କ୍ଷୟ କରେ, ପୁଣି ଚୋରମାନେ ସିନ୍ଧ କାଟି ଚୋରି କରନ୍ତି, ଏପରି ପୃଥିବୀରେ ଆପଣା ଆପଣା ନିମନ୍ତେ ଧନସଞ୍ଚୟ କର ନାହିଁ; ମାତ୍ର ଯେଉଁଠାରେ କୀଟ ଓ କଳଙ୍କ କ୍ଷୟ ନ କରେ ଏବଂ ଚୋରମାନେ ସିନ୍ଧ କାଟି ଚୋରି ନ କରନ୍ତି, ଏପରି ସ୍ୱର୍ଗରେ ଆପଣା ଆପଣା ନିମନ୍ତେ ଧନ ସଞ୍ଚୟ କର, କାରଣ ଯେଉଁଠାରେ ତୁମ୍ଭର ଧନ, ସେହିଠାରେ ତୁମ୍ଭର ମନ" (ମାଥିଉ ୬. ୧୯-୨୧) । ସୁନା, ରୁପା, ମୂଲ୍ୟବାନ ପଥର ଓ ପୋଷାକ ପ୍ରତି ଲୋଭ କରି ଆଖନ ସପରିବାରରେ ବିନଷ୍ଟ ହୋଇଥିଲା (ଯିହୋଶୂୟ ୭ ଅଧ୍ୟାୟ) । ପ୍ରଭୁ ଯୀଶୁଙ୍କର ଅନ୍ୟତମ ଶିଷ୍ୟ ଇଷ୍କାରିୟୋଥ ଯିହୂଦା ଟଙ୍କା ଲୋଭରେ ବିଶ୍ୱାସଘାତକତା କରି ପ୍ରଭୁଙ୍କୁ ଧରାଇ ଦେଇ ଥିଲା ଓ ନିଜେ ଆତ୍ମହତ୍ୟା କଲା । ଟଙ୍କା ପଇସା ବା ଧନ ସମ୍ପତ୍ତି ମନ୍ଦ ନୁହେଁ କିନ୍ତୁ ଏହାର ଲାଳସା ମନୁଷ୍ୟକୁ ବିନାଶ ପଥରେ ନେଇଯାଏ ।

ବିଭିନ୍ନ ଜାତି ଓ ଶ୍ରେଣୀର ହଜାର ହଜାର ନରନାରୀ ଜୁଆଖେଳ ପ୍ରଭୃତିରେ ପ୍ରଚୁର ଅର୍ଥ ଉପାର୍ଜ୍ଜନ କରିବାକୁ ଇଚ୍ଛା କରି ସର୍ବସ୍ୱାନ୍ତ ହୋଇଛନ୍ତି । ବିନା ପରିଶ୍ରମରେ ଧନୀ ହେବାକୁ ଇଚ୍ଛା କରି ଅନେକେ ଚୋରି, ନରହତ୍ୟା ଓ ଆତ୍ମହତ୍ୟା ମଧ୍ୟ କରନ୍ତି । ଧନାଶକ୍ତି ଓ ଲୋଭର ଅନେକ ସଙ୍ଗୀ ଅଛନ୍ତି, ଯେପରି ଯଶଲିପ୍ସା, କ୍ଷମତା ପ୍ରିୟତା । କ୍ଷମତା ପ୍ରିୟତା ମଧ୍ୟ ରାଜନୈତିକ, ଅର୍ଥନୈତିକ, ବା ଧର୍ମ ସମ୍ବନ୍ଧୀୟ ସଂସ୍ଥା । ପ୍ରଭୁ ଯୀଶୁ କହନ୍ତି "ସାବଧାନ, ସମସ୍ତ ପ୍ରକାର ଲୋଭରୁ ଆପଣା ଆପଣାକୁ ଦୂରରେ ରଖ, କାରଣ ଜଣେ ଲୋକର ଜୀବନ ତାହାର ସମ୍ପତ୍ତିର ପ୍ରାଚୁର୍ଯ୍ୟ ଉପରେ ନିର୍ଭର କରେ ନାହିଁ" (ଲୂକ ୧୨: ୧୫) । ଜଣେ ଧନୀ ନିର୍ବୋଧର ଦୃଷ୍ଟାନ୍ତ ଏଠାରେ ଦିଆ ହେଲା, "ଜଣେ ଧନୀ ଲୋକର କ୍ଷେତରେ ବହୁତ ଫସଲ ହେଲା । ସେଥିରେ ସେ ମନେ ମନେ ବିବେଚନା କରି କହିଲା, କଅଣ କରିବି ? କାରଣ ମୋହର ଫସଲ ସଂଗ୍ରହ କରି ରଖିବା ନିମନ୍ତେ ସ୍ଥାନ ନାହିଁ ।

Copyright ANGP

ପୁଣି ସେ କହିଲା, ଏହା କରିବି; ମୋର ଅମାର ସବୁ ଭାଙ୍ଗି ବଡ଼ ବଡ଼ କରି ତୋଳିବି ଓ ସେ ସବୁରେ ମୋର ଶସ୍ୟ ଓ ଦ୍ରବ୍ୟ ସବୁ ସଂଗ୍ରହ କରି ରଖିବି, ଆଉ ମୁଁ ମୋର ପ୍ରାଣକୁ କହିବି, ରେ ପ୍ରାଣ, ଅନେକ ବର୍ଷ ନିମନ୍ତେ ତୋର ବହୁତ ଦ୍ରବ୍ୟ ସଞ୍ଚିତ ଅଛି, ବିଶ୍ରାମ କର, ଭୋଜନ କର, ଆମୋଦ କର; କିନ୍ତୁ ଈଶ୍ୱର ତାହାକୁ କହିଲେ, ହେ ନିର୍ବୋଧ, ଆଜି ରାତିରେ ତୋର ପ୍ରାଣ ତୋ ଠାରୁ ନିଆ ଯିବ; ସେଥିରେ ତୁ ଯାହା ଯାହା ଆୟୋଜନ କରିଅଛୁ, ସେହିସବୁ କାହାର ହେବ ? ଯେ ଆପଣା ନିମନ୍ତେ ଧନ ସଞ୍ଚୟ କରେ, କିନ୍ତୁ ଈଶ୍ୱରଙ୍କ ବିଷୟରେ ଧନୀ ନୁହେଁ, ତାହା ପ୍ରତି ଏହିପରି ଘଟେ" (ଲୂକ ୧୨:୧୬-୨୧) । "ଆଉ ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି ନିଜ ଜୀବନ ହରାଏ ତେବେ ତାହାର କି ଲାଭ ?" (ମାର୍କ ୮:୩୬) । "କଅଣ ଖାଇବ, ଏପରି ଭାବି ତୁମ୍ଭମାନଙ୍କ ଜୀବନ ନିମନ୍ତେ, କି ଅବା କଅଣ ପିନ୍ଧିବ, ଏପରି ଭାବି ତୁମ୍ଭମାନଙ୍କ ଶରୀର ନିମନ୍ତେ ମଧ୍ୟ ଚିନ୍ତା କରନାହିଁ ।...... ବରଞ୍ଚ ତୁମ୍ଭେମାନେ ତାହାଙ୍କ ରାଜ୍ୟ ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ ।...କାରଣ ଯେଉଁଠାରେ ତୁମ୍ଭମାନଙ୍କର ଧନ ସେହିଠାରେ ମଧ୍ୟ ତୁମ୍ଭମାନଙ୍କର ମନ"

(ଲୂକ ୧୨: ୨୨-୩୪) ।

୮ । ଶୟତାନ:— ଶୟତାନ ନିଜେ ମିଥ୍ୟାବାଦୀ ଓ ସମସ୍ତ ମିଥ୍ୟାବାଦୀମାନଙ୍କର ପିତା, ସେ ମନୁଷ୍ୟର ହୃଦୟରେ କୁବୁଦ୍ଧି ଭରି ତାହାକୁ ପାପ କରିବାକୁ ପ୍ରବର୍ତ୍ତାଏ । ଯୀଶୁ କହନ୍ତି, "ତୁମ୍ଭେମାନେ ତୁମ୍ଭମାନଙ୍କର ପିତା ଶୟତାନ ଠାରୁ ଉତ୍ପନ୍ନ, ଆଉ ତୁମ୍ଭମାନଙ୍କର ପିତାର କାମନା ସାଧନ କରିବା ତୁମ୍ଭମାନଙ୍କର ଇଚ୍ଛା । ସେ ଆଦ୍ୟରୁ ନରଘାତକ, ଆଉ ସେ ସତ୍ୟରେ ରହେ ନାହିଁ, କାରଣ ତାହାଠାରେ ସତ୍ୟ ନାହିଁ । ଯେତେବେଳେ ସେ ମିଥ୍ୟା କହେ, ସେତେବେଳେ ସେ ନିଜ ଠାରୁ କହେ ; କାରଣ ସେ ମିଥ୍ୟାବାଦୀ ଓ ମିଥ୍ୟାବାଦୀର ପିତା" । (ଯୋହନ ୮.୪୪) । ଛୋଟ ମିଛ ମଧ୍ୟ ବଡ଼ ମିଛ ପରି ମନ୍ଦ । କହିବା ଲେଖିବା ଓ କାର୍ଯ୍ୟରେ ମଧ୍ୟ ମିଥ୍ୟା ଆଚରଣ କରାଯାଇ ଥାଏ ।

Copyright ANGP

କପଟିମାନେ ମଧ୍ୟ ମିଥ୍ୟାବାଦୀ, କାରଣ ସେମାନେ ଯାହା ନୁହଁନ୍ତି ତାହା ଛଳନା କରିଥାନ୍ତି । ଈଶ୍ବର ମିଥ୍ୟା କହି ପାରନ୍ତି ନାହିଁ, ତେଣୁ ଖ୍ରୀଷ୍ଟିୟାନମାନେ ମଧ୍ୟ ପାରନ୍ତି ନାହିଁ । (ତିତସ୍ ୧.୨) । "ତାହାଙ୍କ ସହିତ ଆମ୍ଭମାନଙ୍କର ସହଭାଗିତା ଅଛି, ଏହା କହି ଯଦି ଆମ୍ଭେମାନେ ଅନ୍ଧକାରରେ ଆଚରଣ କରୁ, ତାହାହେଲେ ଆମ୍ଭେମାନେ ମିଥ୍ୟାବାଦୀ, ଆଉ ସତ୍ୟ ଆଚରଣ କରୁ ନ ଥାଉଁ ।" (୧ ଯୋହନ ୧:୬) । "କୁକୁରମାନେ, ମାୟାବୀ, ବ୍ୟଭିଚାରୀ, ନରଘାତକ, ପ୍ରତିମାପୂଜକ, ପୁଣି ମିଥ୍ୟାପ୍ରିୟ ଓ ମିଥ୍ୟାଚାରୀମାନେ ବାହାରେ ରହିବେ ।" ପ୍ରକାଶିତ ୨୨.୧୫) । ଈଶ୍ବର ମିଥ୍ୟାସାକ୍ଷୀ ଓ ମିଥ୍ୟାବାଦୀକୁ ଘୃଣା କରନ୍ତି (ହିତୋପଦେଶ ୬.୧୬-୧୯)

୯ । ଚର୍ମ:— ଚର୍ମ ମଣିଷର ବିବେକର ପ୍ରତୀକ । ଏଠାରେ ଏହା ମନ୍ଦାଚରଣ ହେତୁ କଳଙ୍କିତ, ଅବିରତ ପାପରେ ଲିପ୍ତ ରହିବାରୁ ଅନ୍ଧ ହୋଇ ଯାଇଛି, ତେଣୁ ବିପଥଗାମୀ ଓ ମୃତ ସଦୃଶ ଅଟେ । ନିଜର କର୍ତ୍ତବ୍ୟ ସମ୍ବନ୍ଧରେ ସ୍ଥିର ସିଦ୍ଧାନ୍ତ ନେବାର ଶକ୍ତି ହରାଇଛି । ଏହା କେବେ କେବେ ଶାନ୍ତ ଥାଏ ଓ ଅନ୍ୟ ସମୟରେ ଅସ୍ଥିର ହୋଇ ପଡ଼େ । କେବେ ଦୋଷୀକୁ କ୍ଷମା ଦିଏ କେବେ ନିର୍ଦ୍ଦୋଷକୁ ଦୋଷୀ କରି ଥାଏ । ଏହା ତପ୍ତ ଲୌହ ଦ୍ୱାରା ଦଗ୍ଧ ହୋଇଛି, ତେଣୁ ସମସ୍ତ ଜ୍ଞାନ ଓ ଅନୁଭୂତିକୁ ହରାଇଛି, ଭ୍ରାନ୍ତ ଆତ୍ମା ଓ ଭୂତମାନଙ୍କ ଶିକ୍ଷାରେ ମନୋନିବେଶ କରିଛି ଏବଂ ଛଳନା କରି ମିଥ୍ୟା କହି ବିଶ୍ୱାସରୁ ଦୂରକୁ ଚାଲି ଯାଇଛି । (୧ ତିମୋଥି ୪.୧-୨)

Copyright ANGP

୧୦ । ଚକ୍ଷୁ:— ଈଶ୍ବରଙ୍କର ଚକ୍ଷୁ ହୃଦୟର ସମସ୍ତ ବିଷୟ ଦେଖି ପାରେ । ତାଙ୍କର ଜ୍ୱଳନ୍ତ ଚକ୍ଷୁରୁ କିଛି ଲୁଚି ପାରିବ ନାହିଁ, ତେଣୁ ସେ ମନୁଷ୍ୟ ହୃଦୟର ସମସ୍ତ ଗୁପ୍ତ ଚିନ୍ତା ଓ ସଙ୍କଳ୍ପ ଜାଣନ୍ତି ଏବଂ ଦେଖି ପାରନ୍ତି । ଅନ୍ଧକାର ମଧ୍ୟ ରାତିରେ, ଘନ ଜଙ୍ଗଲ ମଧ୍ୟରେ, ଗଭୀରତମ ଗର୍ତ୍ତ ମଧ୍ୟରେ କୌଣସି ସ୍ଥାନରେ ହେଉନା କାହିଁକି, ଆପଣ ଯଦି ମନ୍ଦ କାର୍ଯ୍ୟ କରନ୍ତି ତଥାପି ଈଶ୍ବର ତାହା ଦେଖି ପାରନ୍ତି ।

(ମୁହଁ ଯେପରି ହୃଦୟର ଅବସ୍ଥା ପ୍ରକାଶ କରେ, ଏହି ଚିହ୍ନ ଗୁଡ଼ିକରେ ଚକ୍ଷୁ ମଧ୍ୟ ହୃଦୟର କଥା ପ୍ରକାଶ କରୁଛି)।

୧୧। ଅଗ୍ନିବନ୍ତ ଜିହ୍ୱା:— ମଣିଷ ହୃଦୟର ଗୃହ ପାଖରେ ସ୍ରୋତ ସ୍ରୋତ ଅଗ୍ନିବନ୍ତ ଜିହ୍ୱା, ପାପୀ ମନୁଷ୍ୟର ପ୍ରତି ଈଶ୍ୱରଙ୍କର ଗଭୀର ପ୍ରେମକୁ ପ୍ରକାଶ କରୁଛି। ଈଶ୍ୱର ପାପକୁ ଘୃଣା କରନ୍ତି କିନ୍ତୁ ପାପୀକୁ ପ୍ରେମ କରନ୍ତି, ତେଣୁ ସେ ପାପୀର ମରଣରେ ସନ୍ତୁଷ୍ଟ ନୁହଁନ୍ତି, କିନ୍ତୁ ସେ ଯେପରି ଅନୁତାପ କରି ଫେରି, ବଞ୍ଚେ, ଏହା ଇଚ୍ଛା କରନ୍ତି। ଜଣେ ପାପୀ ମନ ପରିବର୍ତ୍ତନ କଲେ ସ୍ୱର୍ଗରେ ମଧ୍ୟ ମହା ଆନନ୍ଦ ହୁଏ। କ୍ଷୁଦ୍ର ଜିହ୍ୱା ଯୀଶୁଖ୍ରୀଷ୍ଟଙ୍କ ରକ୍ତର ନିଦର୍ଶନ, "ଈଶ୍ୱରଙ୍କର ମେଷଶାବକ ଯେ ଜଗତର ପାପ ବହି ନେଇ ଯାଆନ୍ତି।"

୧୨। ସ୍ୱର୍ଗଦୂତ :—ସ୍ୱର୍ଗଦୂତ ଈଶ୍ୱରଙ୍କ ବାକ୍ୟକୁ ବୁଝାଉଛି। ଶୟତାନ ଦ୍ୱାରା ପ୍ରତାରିତ ଓ ପାପ ଭରରେ ଭଗବାନ୍ ସ୍ତ୍ରୀ ପୁରୁଷମାନଙ୍କ ସହିତ ଈଶ୍ୱର କଥା କହିବାକୁ ଚାହାନ୍ତି, ଯେପରି ସେମାନେ ଅନୁତାପ କରନ୍ତି ଏବଂ ଈଶ୍ୱରଙ୍କର ଜ୍ୟୋତି ଓ ପ୍ରେମ ସେମାନଙ୍କ ହୃଦୟରେ ପ୍ରବେଶ କରେ।


Copyright ANGP

୧୩। କପୋତ :—କପୋତ ପବିତ୍ର ଆତ୍ମାର ପ୍ରତୀକ; ଯେଉଁ ସତ୍ୟର ଆତ୍ମା ମଣିଷକୁ ପାପ, ଧାର୍ମିକତା ଓ ବିଚାର ବିଷୟରେ ଚେତନା ଦିଏ। ଏଠାରେ ପବିତ୍ର ଆତ୍ମା ମଣିଷର ହୃଦୟର ବାହାରେ ଅବସ୍ଥାନ କରୁଛନ୍ତି। କାରଣ ପାପମୟ ହୃଦୟରେ ସେ ପ୍ରବେଶ କରି ପାରନ୍ତି ନାହିଁ।

ପ୍ରିୟ ପାଠକ, ଏହି ଚିହ୍ନଟି ଯଦି ଆପଣଙ୍କର ହୃଦୟର ଅବସ୍ଥାକୁ ପ୍ରକାଶ କରୁଥାଏ, ତେବେ କ୍ରନ୍ଦନ କରୁ କରୁ ପ୍ରଭୁ ଯୀଶୁଙ୍କ ନିକଟରେ ନିଜର ହୃଦୟକୁ ଖୋଲି ଦିଅନ୍ତୁ, ତେବେ ତାଙ୍କ ବାକ୍ୟର ଜ୍ୟୋତି ଆପଣ ହୃଦୟକୁ ଆଲୋକିତ କରିବ। "ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ତୁମ୍ଭେ ପରିତ୍ରାଣ ପାଇବ।" ଈଶ୍ୱର ସର୍ବଦା ପ୍ରସ୍ତୁତ, ହିଁ,

ସେ ଆପଣଙ୍କ ହୃଦୟକୁ ପରିବର୍ତ୍ତନ କରି, ନୂତନ ହୃଦୟ ଓ ନୂତନ ଆତ୍ମା ଦେବାକୁ ପ୍ରତିଜ୍ଞା କରିଛନ୍ତି । ଏହା ବିଶଦ ଭାବରେ ଦ୍ୱିତୀୟ ଚିତ୍ରରେ ବର୍ଣ୍ଣନା କରା ହୋଇଛି ।

## ଦ୍ୱିତୀୟ ଚିତ୍ର




ଏହା ଜଣେ ଅନୁତପ୍ତ ମଣିଷର ହୃଦୟର ଅବସ୍ଥା, ଯେ ଶ୍ୱରଙ୍କର ଅନୁସନ୍ଧାନ କରିବାକୁ ଆରମ୍ଭ କରିଛି । ସ୍ୱର୍ଗଦୂତ ଈଶ୍ୱରଙ୍କ

ବାକ୍ୟରୂପ ତରବାରୀ ଧାରଣ କରିଅଛନ୍ତି, ଯାହା "ଜୀବନ୍ତ ଓ କାର୍ଯ୍ୟ ସାଧକ, ପୁଣି ଦ୍ୱିଧାର ଖଡ୍ଗ ଠାରୁ ତୀକ୍ଷ୍ଣତର, ଆଉ ପ୍ରାଣ ଓ ଆତ୍ମା ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ ଏବଂ ହୃଦୟର ଚିନ୍ତା ଓ ଭାବର ସୂକ୍ଷ୍ମ ବିଚାରକ ଅଟେ । (ଏବ୍ରୀ ୪: ୧୨)। ଈଶ୍ୱରଙ୍କ ବାକ୍ୟ ତାହାକୁ ସ୍ମରଣ କରାଇ ଦେଉଛନ୍ତି ଯେ, "ପାପର ବେତନ ମୃତ୍ୟୁ", ଏବଂ "ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଥରେ ମାତ୍ର ମୃତ୍ୟୁ, ଆଉ ତାହା ପରେ ବିଚାର ନିରୂପିତ ଅଛି" (ଏବ୍ରୀ. ୯. ୨୭) । ଆଉ ବିଚାର ପରେ ପାପୀ ଓ ଅବିଶ୍ୱାସୀମାନେ ଅଗ୍ନି ଓ ଗନ୍ଧକ ପ୍ରଜ୍ୱଳିତ ହ୍ରଦରେ ସ୍ଥାନ ପାଇବେ ।

ଦୂତର ଅନ୍ୟ ହାତରେ ଗୋଟିଏ ମଣିଷର ଖପୁରୀ ଅଛି । ମୃତ୍ୟୁ ଯେ ନିଶ୍ଚିନ୍ତ ତାହା ପାପୀକୁ ସ୍ମରଣ କରାଇ ଦେଉଛି । ଯେଉଁ ଶରୀରକୁ ଆମ୍ଭେମାନେ ଏତେ ପ୍ରେମ କରୁଁ, ଯାହା ପାଇଁ ପୋଷାକ ପତ୍ରର ବ୍ୟବସ୍ଥା କରୁଁ, ଯାହାକୁ ଉତ୍ତମ ଖାଦ୍ୟରେ ପରିତୃପ୍ତ କରୁଁ, ନାନା ସଜ୍ଜାରେ ସଜାଉ, ଯାହାର ଅଭିଳାଷ ଓ ଆକାଂକ୍ଷା ପୂରଣ କରିବା ପାଇଁ ଆପ୍ରାଣ ଚେଷ୍ଟା କରୁ, ତାହା ଦିନେ ଧ୍ୱଂସ ପାଇବ, କୀଟ ଖାଇ ଯିବ; କିନ୍ତୁ ପ୍ରାଣ ଓ ଆତ୍ମା ଦେହ ତ୍ୟାଗ କରି ଅନନ୍ତ କାଳ ଅବସ୍ଥାନ କରିବ, ଏବଂ ବିଚାର ସିଂହାସନ ସମ୍ମୁଖରେ ତାହାକୁ ଉପସ୍ଥିତ ହେବାକୁ ପଡ଼ିବ ।


Copyright AIGP

ଏଠାରେ ଆମ୍ଭେମାନେ ଦେଖୁ ଯେ, ମନୁଷ୍ୟଟି ଈଶ୍ୱରଙ୍କ ବାକ୍ୟପ୍ରତି ମନଯୋଗ ଦେବାକୁ ଆରମ୍ଭ କରିଛି ଓ ଈଶ୍ୱରଙ୍କ ପ୍ରେମ ପ୍ରତି ନିଜର ହୃଦୟ ଖୋଲିଛି । ପବିତ୍ର ଆତ୍ମା ଅନ୍ଧକାର ଓ ପାପମୟ ହୃଦୟକୁ ଆଲୋକିତ କରିବାକୁ ଆରମ୍ଭ କରିଛି । ଈଶ୍ୱରଙ୍କ ଜ୍ୟୋତି ଅନ୍ଧକାରକୁ ଦୂର କରିବା ପାଇଁ ତାଙ୍କ ମଧ୍ୟରେ ପ୍ରବେଶ କରୁଛି । ଈଶ୍ୱରଙ୍କ ଆଲୋକ ପ୍ରବେଶ କଲେ ଅନ୍ଧକାର ନିଶ୍ଚୟ ପଳାଇବ । ପାପରୂପ ବିଭିନ୍ନ ଜୀବଜନ୍ତୁ ମଧ୍ୟ ପଳାଇ ଯାଉଛନ୍ତି । ପ୍ରିୟ ପାଠକ, ଏହି ଚିତ୍ରରେ

ଯେପରି ଦେଖା ଯାଉଅଛି, ସେହିପରି ପ୍ରଭୁ ଯୀଶୁଙ୍କୁ ଆପଣଙ୍କ ହୃଦୟରେ ପ୍ରବେଶ କରିବାକୁ ଦିଅନ୍ତୁ, ତେବେ ଅନ୍ଧକାର ଓ ତାହାର କାର୍ଯ୍ୟ ସକଳ ଦୂର ହୋଇ ଯିବ । ଯୀଶୁ କହିଲେ, "ମୁଁ ଜଗତର ଜ୍ୟୋତିଃ; ଯେ ମୋହର ଅନୁଗମନ କରେ, ସେ କେବେ ହେଁ ଅନ୍ଧକାରରେ ଭ୍ରମଣ କରିବ ନାହିଁ (ଯୋହନ ୮: ୧୨) । ଆପଣଙ୍କ ହୃଦୟର ଅନ୍ଧକାରକୁ ନିଜ ଚେଷ୍ଟା ଦ୍ୱାରା, ଜ୍ଞାନଦ୍ୱାରା, ବା ମନୁଷ୍ୟ କଳ୍ପିତ କୌଣସି ଉପାୟ ଦ୍ୱାରା କଦାପି ଦୂର କରି ପାରିବେ ନାହିଁ । ସବୁଠାରୁ ସହଜ, ନିଶ୍ଚିନ୍ତ, ଦୃଢ଼ ଫଳପ୍ରଦ ଏବଂ ଏକମାତ୍ର ଉପାୟ ହେଉଅଛି ଯୀଶୁଙ୍କୁ, ସେହି ଜ୍ୟୋତିଃଙ୍କୁ ହୃଦୟରେ ପ୍ରବେଶ କରିବାକୁ ଦେବା, ତେବେ ପାପରୂପ ଅନ୍ଧକାର ଦୂରୀଭୂତ ହେବ । ଅନ୍ଧାର ରାତିରେ ଚନ୍ଦ୍ର ଓ ତାରଗଣ ଆମ୍ଭମାନଙ୍କୁ କିଛି ଆଲୁଅ ଦିଅନ୍ତି, କିନ୍ତୁ ସୂର୍ଯ୍ୟ ଉଦୟ ହେଲେ ଅନ୍ଧକାର ଓ କ୍ଷୁଦ୍ର ଆଲୋକମାଳା ଅଦୃଶ୍ୟ ହୁଅନ୍ତି । ଯୀଶୁ ଧାର୍ମିକତାର ସୂର୍ଯ୍ୟ । ସେ ଯିରୂଶାଲେମ ମନ୍ଦିରରେ ପ୍ରବେଶ କରି ଯେଉଁମାନେ ବଳଦ, ମେଣ୍ଢା ଓ କପୋତ ଆଦି ବିକ୍ରୀ କରୁଥିଲେ ସେମାନଙ୍କୁ ତଡ଼ି ଦେଲେ ଏବଂ ଟଙ୍କା ପଇସା କାରବାର କରିବା ଲୋକର ଟେବୁଲ ଫୋପାଡ଼ି ଦେଇ କହିଲେ, "ଲେଖାଅଛି, ଆମ୍ଭର ଗୃହ ପ୍ରାର୍ଥନାର ଗୃହ ବୋଲି ଖ୍ୟାତ ହେବ, କିନ୍ତୁ ତୁମ୍ଭେମାନେ ତାହାକୁ ଦସ୍ୟୁମାନଙ୍କ ଗହ୍ୱର କରୁ ଅଛ" (ମାଥିଉ ୨୧:୧୩) ଆପଣଙ୍କର ହୃଦୟ ଈଶ୍ୱରଙ୍କର ଗୃହ ବା ମନ୍ଦିର ହେବା ପାଇଁ ନିରୂପିତ । ସେ ତହିଁରେ ବାସକରି ତାହାକୁ ସୌନ୍ଦର୍ଯ୍ୟ ଆଲୋକ, ପ୍ରେମ ଓ ଆନନ୍ଦରେ ପୂର୍ଣ୍ଣ କରିବାକୁ ଚାହାନ୍ତି । ଯୀଶୁ କେବଳ ଆମ୍ଭମାନଙ୍କର ପାପକୁ କ୍ଷମା କରିବାକୁ ଆସି ନ ଥିଲେ କିନ୍ତୁ ପାପର ଶକ୍ତି ଓ କବଳରୁ ମୁକ୍ତ ହେବାକୁ ଆସିଥିଲେ । "ଅତଏବ ପୁତ୍ର ଯଦି ତୁମ୍ଭମାନଙ୍କୁ ମୁକ୍ତ କରିବେ, ତାହା ହେଲେ ତୁମ୍ଭେମାନେ ପ୍ରକୃତରେ ମୁକ୍ତ ହେବ" (ଯୋହନ ୮: ୩୬) ।

Copyright ANGP

# ତୃତୀୟ ଚିତ୍ର




ଏହା ଏକ ପ୍ରକୃତରେ ଅନୁତପ୍ତ ପାପୀର ହୃଦୟର ଚିତ୍ର । ସେ ବର୍ତ୍ତମାନ ତାର ପାପର ଗୁରୁତ୍ୱ ଓ ଭୟଙ୍କରତା ବିଷୟ ବୁଝି ପାରିଛି, ଯାହା ପାଇଁ ପ୍ରଭୁ ଯୀଶୁ କ୍ରୁଶ ଉପରେ ପ୍ରାଣ ଦେଇଛନ୍ତି । ସ୍ୱର୍ଗଦୂତ ଈଶ୍ୱରଙ୍କ ବାକ୍ୟ ଦ୍ୱାରା କ୍ରୁଶର ମହତ୍ତ୍ୱ ତା ନିକଟରେ ପ୍ରକାଶ କରୁଛନ୍ତି, ସେ ବିହ୍ୱଳ ହୋଇ ସେ ସବୁ ଦେଖି ନିଜର ପାପ ପାଇଁ ଖେଦ, ମନସ୍ତାପ ଓ ବେଦନା ଅନୁଭବ କରୁଛି । ଯୀଶୁ ଖ୍ରୀଷ୍ଟରେ ପ୍ରକାଶିତ ଈଶ୍ୱରଙ୍କ ପ୍ରେମର କଥା ଚିନ୍ତା କରୁକରୁ ତାହାର ହୃଦୟ ପ୍ରେମରେ

ବଦଳିତ ହୋଇ ଯାଉଛି । ଯେତେବେଳେ ସେ ବୁଝିଲା ଯେ ଈଶ୍ୱରଙ୍କପୁତ୍ର ଯୀଶୁଖ୍ରୀଷ୍ଟ ତାର ପାପର ଭାର ବହନ କରିବାକୁ ଜଗତକୁ ଆସିଥିଲେ ଓ ଅଭିଶପ୍ତ କ୍ରୁଶ ଉପରେ ନିଜର ଜୀବନ ଦେଇ ତାକୁ ପାପରୁ ମୁକ୍ତ ଦେବାକୁ ଇଚ୍ଛା କରିଥିଲେ ।

ପ୍ରଭୁ ଯୀଶୁଙ୍କୁ କୋରଡା ପ୍ରହାର କରା ହୋଇଥିଲା, କଣ୍ଟାର ମୁକୁଟ ତାଙ୍କ ମୁଣ୍ଡରେ ପିନ୍ଧାଇ ଦିଆ ଯାଇଥିଲା, ବଡ ବଡ ପ୍ରେକ୍ ତାଙ୍କ ହାତ ପାଦରେ ବିନ୍ଧା ଦିଆ ହୋଇଥିଲା, ଓ ଆମ୍ଭମାନଙ୍କ ପାପ ପାଇଁ କ୍ରୁଶ ଉପରେ ସେ ମାରବଦରେ ପ୍ରାଣ ଦେଇ ଥିଲେ । ଏହି ସବୁ ଦୃଶ୍ୟ ସେହି ଅନୁତପ୍ତ ପାପୀ ନିକଟରେ ଅତି ସ୍ପଷ୍ଟ ହୋଇ ଉଠିଛି ଏବଂ ତାର ଜୀବନରେ ଏକ ଅଦଭୁତ ପରିବର୍ତ୍ତନ ଘଟାଇଛି । ଦର୍ପଣରେ ଯେପରି ଲୋକମାନେ ଚେହେରା ଦେଖନ୍ତି, ସେହିପରି ସେ ଈଶ୍ୱରଙ୍କ ବାକ୍ୟ ରୂପ ଦର୍ପଣରେ ନିଜକୁ ଦେଖି ପାରିଛି । ସେ ଈଶ୍ୱରଙ୍କ ଠାରୁ କେତେ ଦୂରକୁ ଯାଇ ତାଙ୍କର ଆଜ୍ଞା ଲଙ୍ଘନ କରିଥିଲା, ତାହା ବୁଝି ପାରିଛି । ଗଭୀର ଐଶ୍ୱରିକ ବେଦନା ତାର ହୃଦୟକୁ ସ୍ପର୍ଶ କଲା ଓ ସେ କାନ୍ଦି କାନ୍ଦି ଈଶ୍ୱରଙ୍କ ନିକଟରେ ନିଜର ହୃଦୟକୁ ଖୋଲି ଦେବାରୁ ଯୀଶୁ ତାର ନିକଟବର୍ତ୍ତୀ ହେଲେ । "ଈଶ୍ୱରଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଆମ୍ଭମାନଙ୍କୁ ସମସ୍ତ ପାପରୁ ଶୁଦ୍ଧ କରେ" (୧ ଯୋହନ ୧:୭), ଏହି ସତ୍ୟ ସେ ଯେତେବେଳେ ହୃଦୟଙ୍ଗମ କଲା, ଐଶ୍ୱରିକ ପ୍ରେମ ଓ ଶାନ୍ତି ତାର ହୃଦୟକୁ ପରିପୂର୍ଣ୍ଣ କଲା । "ସଦାପ୍ରଭୁ ଭଗ୍ନାନ୍ତଃକରଣମାନଙ୍କ ନିକଟବର୍ତ୍ତୀ ଅଟନ୍ତି ଓ ସେ ଚୂର୍ଣ୍ଣମନାମାନଙ୍କୁ ତ୍ରାଣ କରନ୍ତି" (ଗୀତସଂହିତା ୩୪:୧୮)। ପୁନର୍ବାର ଈଶ୍ୱରଙ୍କ ବାକ୍ୟକହେ, "ଏହି ଲୋକ ପ୍ରତି ଅର୍ଥାତ୍ ଯେଉଁ ଲୋକ ଦୁଃଖୀ ଓ ଚୂର୍ଣ୍ଣମନା ଓ ସେ ଆମ୍ଭ ବାକ୍ୟରେ କମ୍ପମାନ ହୁଏ, ତାହା ପ୍ରତି ଆମ୍ଭେ ଦୃଷ୍ଟିପାତ କରିବା" (ଯିଶାଇୟ ୬୬: ୨) । ପବିତ୍ର ଆତ୍ମା ତାର କାନରେ ଯୀଶୁଙ୍କ ବାକ୍ୟ କୁହେ, "ପୁଅ (ଝିଅ), ସାହସ ଧର, ତୁମ୍ଭର ପାପ କ୍ଷମା ହେଲା ।" ସେ କ୍ରୁଶକୁ ଓ ପ୍ରଭୁ ଯୀଶୁଙ୍କର ପ୍ରାୟଶ୍ଚିତକାରୀ ରକ୍ତକୁ ଧ୍ୟାନ କରୁ କରୁ ବିଶ୍ୱାସ କଲା ଯେ, ଏ ସମସ୍ତ ତାର ପାଇଁ ଘଟିଛି,

Copyright ANGP


ତତ୍‌କ୍ଷଣାତ୍ ସେ ତାର ପାପର ବୋଝ ଦୂର ହୋଇ ଯାଇଛି ବୋଲି ଉପଲବ୍‌ଧି କଲା, କାରଣ ପ୍ରଭୁ ଯୀଶୁ ଆମ୍ଭମାନଙ୍କ ବଦଳରେ ସମସ୍ତ ବୋଝ ଓ ଦୁଃଖ ବହନ କରିଛନ୍ତି । "ସେ ଆମ୍ଭମାନଙ୍କର ଅଧର୍ମ ନିମନ୍ତେ କ୍ଷତ ବିକ୍ଷତ ହେଲେ, ଓ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ, ଆଉ ସଦାପ୍ରଭୁ ଆମ୍ଭ ସମସ୍ତଙ୍କର ଅପରାଧ ତାହାଙ୍କ ଉପରେ ବର୍ତ୍ତାଇ ଅଛନ୍ତି" (ଯିଶାଇୟ ୫୩: ୫-୬) ।

ପବିତ୍ର ଆତ୍ମା ଏବଂ ଐଶ୍ୱରିକ ପ୍ରେମ ପରିବର୍ତ୍ତିତ ହୃଦୟକୁ ଅଧିକାର କରୁଛି । ସେ ବିଶ୍ୱାସରେ କ୍ରୁଶକୁ ଓ ଯୀଶୁଙ୍କୁ ଅନାଇ ରହିବାରୁ ବୁଝିବାକୁ ପାଇଲା ଯେ, ତାର ପାପ ସବୁ କ୍ଷମା ହୋଇଛି ଏବଂ ହୃଦୟରେ ଏହି ବୋଧ ପାଇଲା ଯେ, ଈଶ୍ୱରଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ତାହାକୁ ଶୁଦ୍ଧ କରିଅଛି । (୧ ଯୋହନ ୧: ୭), ସେ ବର୍ତ୍ତମାନ ନିଶ୍ଚିନ୍ତ ଯେ, ଯେ କେହି ଯୀଶୁଙ୍କ ଠାରେ ବିଶ୍ୱାସ କରିବ ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ଲାଭ କରିବ (ଯୋହନ ୩: ୧୬) "କାରଣ ଯୀଶୁଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧ ସବୁର କ୍ଷମା ପ୍ରାପ୍ତ ହୋଇ ଅଛୁ" (ଏଫିସୀୟ ୧: ୭) । ପାପର ଲାଳସା ଚରିତାର୍ଥ କରିବା ପରିବର୍ତ୍ତେ ଈଶ୍ୱରଙ୍କ ପାଇଁ ଜୀବନଧାରଣ କରି ତାଙ୍କର ସେବା କରିବା ପାଇଁ ଗଭୀର ଇଚ୍ଛା ଜାତ ହୋଇଛି, କାରଣ "ସେ ଆମ୍ଭମାନଙ୍କୁ ପ୍ରଥମେ ପ୍ରେମ କଲେ ।" ଜଗତକୁ ଓ ଜାଗତିକ ବସ୍ତୁକୁ ପ୍ରେମ କରିବା ପରିବର୍ତ୍ତେ ସେ ଈଶ୍ୱରଙ୍କୁ ଓ ଐଶ୍ୱରିକ ବସ୍ତୁକୁ ଅଧିକ ପ୍ରେମ କରିବାକୁ ଆରମ୍ଭ କରିଛି ।

ଏହି ଚିତ୍ରରେ ବର୍ତ୍ତମାନ ଆମ୍ଭେମାନେ ଦେଖୁଁ ଯେ, ବିଭିନ୍ନ ପାପକୁ ପ୍ରକାଶ କରୁଥିବା ଜୀବଜନ୍ତୁ ହୃଦୟର ବାହାରକୁ ଚାଲି ଯାଇଛନ୍ତି । ଶୟତାନ ତାର ପୁରାତନ ଆବାସକୁ ଛାଡ଼ି ଦେବାକୁ ଇଚ୍ଛୁକ ନ ହୋଇ ବାରମ୍ବାର ପଛକୁ ଫେରି ଅନାଉଛି, ଯଦି ପ୍ରତ୍ୟାବର୍ତ୍ତନ କରିବାର ଆଶା ଥାଏ । ସେଥିପାଇଁ ପ୍ରଭୁ ଯୀଶୁ ଆମ୍ଭମାନଙ୍କୁ ଚେତନା ଦେଇ କହିଛନ୍ତି, ଜାଗ୍ରତ ରହି ପ୍ରାର୍ଥନା କର; ଶୟତାନକୁ ପ୍ରତିରୋଧ କର, ତେବେ ସେ ପ୍ରାୟ ପଳାଇବ ।

Copyright ANGP

# ଚତୁର୍ଥ ଚିତ୍ର




ଏହି ଚିତ୍ରଟି ଜଣେ ପ୍ରକୃତ ଖ୍ରୀଷ୍ଟିୟାନର ହୃଦୟର ଚିତ୍ର, ଯେ ଆମ୍ଭମାନଙ୍କର ତ୍ରାଣକର୍ତ୍ତା ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପ୍ରାୟଶ୍ଚିତ୍ତ ଦ୍ୱାରା ପ୍ରକୃତ ଶାନ୍ତି ଓ ମୁକ୍ତି ପାଇଛି । ବର୍ତ୍ତମାନ ତାର ପ୍ରକୃତ ଗର୍ବର ବିଷୟ ଯୀଶୁ ଖ୍ରୀଷ୍ଟଙ୍କର କ୍ରୁଶ, ଯାହା ଦ୍ୱାରା ସେ ଜଗତ ପ୍ରତି ଓ ଜଗତ ତାହା ପ୍ରତି କ୍ରୁଶାର୍ପିତ ହୋଇଅଛି (ଗାଲାତୀୟ ୬:୧୪)। ପ୍ରଭୁ ଯୀଶୁ କ୍ରୁଶ ଉପରେ ପ୍ରାଣ ଦେଲେ ଆମ୍ଭେମାନେ ଯେପରି ପାପ ପ୍ରତି ମୃତ ହୋଇ ଧାର୍ମିକତା ନିମନ୍ତେ ଜୀବନ ଯାପନ କରୁଁ" (୧ ପିତର ୨: ୨୪) । ଖ୍ରୀଷ୍ଟିୟାନ

ଜଗତ ପାଇଁ କ୍ରୁଶାର୍ପିତ । ବାଇବେଲରେ ଆମ୍ଭମାନଙ୍କ ପ୍ରତି ଏହି ଆଜ୍ଞା ଦିଆ ଅଛି "ଆତ୍ମାଙ୍କ ଦ୍ୱାରା ଆଚରଣ କର, ତାହାହେଲେ ତୁମ୍ଭେମାନେ ଶରୀରର ଅଭିଳାଷ ପୂର୍ଣ୍ଣ କରିବ ନାହିଁ" (ଗାଲାତୀୟ ୫: ୧୬) ।

ପ୍ରଭୁ ଯୀଶୁଙ୍କର ଶରୀରରୁ ବସ୍ତ୍ର କାଢ଼ି ନେଇ ଯେଉଁ ସ୍ତମ୍ଭରେ ତାଙ୍କୁ ବାନ୍ଧିଥିଲେ, ତାହା ଏହି ଚିତ୍ରରେ ଦେଖା ଯାଉଛି । ଯେଉଁ କୋରଡ଼ା ଦ୍ୱାରା ତାଙ୍କ ନିଷ୍ଠୁର ଭାବରେ ପ୍ରହାର କରା ହୋଇଥିଲା, ତାହା ମଧ୍ୟ ଏଠାରେ ଅଛି । ସେ ଆମ୍ଭମାନଙ୍କର ପାପ ପାଇଁ ପ୍ରହାରିତ ହେଲେ କାରଣ, "ଆମ୍ଭମାନଙ୍କର ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା" (ଯିଶାଇୟ ୫୩: ୫) । ହେରୋଦ ରାଜା ଓ ତାଙ୍କର ଲୋକମାନେ ଯୀଶୁଙ୍କୁ ବିଦ୍ରୂପ କଲେ, କୋରଡ଼ା ପ୍ରହାର କଲେ, ସୁନାର ମୁକୁଟ ପରିବର୍ତ୍ତେ କଣ୍ଟାର ମୁକୁଟ ପିନ୍ଧାଇ ଦେଲେ, ରାଜଦଣ୍ଡ ବଦଳରେ ଗୋଟାଏ ନଳ ତାଙ୍କୁ ଧରାଇ ଦେଲେ, ଆଉ ଥଟ୍ଟା କରି ନତଜାନୁ ହୋଇ କହିଲେ, "ହେ ଯିହୁଦୀମାନଙ୍କର ରାଜା ନମସ୍କାର । ସେମାନେ ତାଙ୍କ ଉପରେ ପୁଣି ଛେପ ପକାଇ ସେହି ନଳରେ ତାଙ୍କ ମୁଣ୍ଡରେ ଆଘାତ କରିବାକୁ ଲାଗିଲେ" । (ମାଥିଉ ୨୭: ୨୯-୩୦) । ଏହିପରି ନିର୍ଲଜ୍ଜ ଓ ନିଷ୍ଠୁର ଭାବରେ ତାଙ୍କୁ ପରିହାସ କରି କ୍ରୁଶରେ ଚଢ଼ାଇବାକୁ ନେଇଗଲେ ।

Copyright ANGR

ଅନେକ ଖ୍ରୀଷ୍ଟିୟାନ ଗୀର୍ଜାରେ ପ୍ରାର୍ଥନା କରନ୍ତି, ପ୍ରଭୁଭୋଜ ଗ୍ରହଣ କରନ୍ତି, ଈଶ୍ୱରଙ୍କର ସ୍ତୁତି ଓ ପ୍ରଶଂସା ଗାନ କରନ୍ତି, ତଥାପି ତାଙ୍କର ମନ୍ଦ ସ୍ୱଭାବ ଦ୍ୱାରା ତାରଣକର୍ତ୍ତାଙ୍କୁ ପ୍ରତିଦିନ କ୍ରୁଶରେ ଚଢ଼ାଉଛନ୍ତି । "ମୋତେ ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗ ରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ" (ମାଥିଉ ୭. ୨୧) ।

ଏଠାରେ ଯିହୁଦାର ଟଙ୍କାର ଥଳିଟି ମଧ୍ୟ ଦେଖା ଯାଉଛି, ଯେ ବିଶ୍ୱାସ ଘାତକତା କରି ତିରିଶ ଟଙ୍କା ଲୋଭରେ ପ୍ରଭୁ ଯୀଶୁଙ୍କୁ ଧରାଇ


ଦେଇଥିଲା, କାରଣ ଅର୍ଥ ଲୋଭ ତାହାକୁ ବନ୍ଧୀ ଓ ଅନ୍ଧ କରି ଦେଇଥିଲା । ସୈନିକମାନେ ଯେଉଁ ମଶାଲ ଜଳାଇଥିଲେ ଓ ଯେଉଁ ଜଡ଼ା ହାର ସେହି ରାତିରେ ତାଙ୍କୁ ବାନ୍ଧି ଆଣିଥିଲେ, ତାହା ମଧ୍ୟ ଏହି ଚିତ୍ରରେ ଦେଖାଯାଏ । ପଶାଖେଳର ଗୁଟି ମଧ୍ୟ ଅଛି, ପ୍ରଭୁ ଯୀଶୁଙ୍କର ବସ୍ତ୍ର ବିଭାଗ ବେଳେ ଗୁଳିବାଣ୍ଟ କରିବା ପାଇଁ ବ୍ୟବହୃତ ହୋଇଥିଲା । ଶାସ୍ତ୍ରର ଲେଖା ଏହିରୂପେ ସେମାନେ ପୂର୍ଣ୍ଣ କରିଥିଲେ, "ସେମାନେ ଆପଣାମାନଙ୍କ ମଧ୍ୟରେ ମୋହର ବସ୍ତ୍ର ବିଭାଗ କରନ୍ତି, ଓ ସେମାନେ ମୋ ଉତ୍ତରୀୟ ବସ୍ତ୍ର ପାଇଁ ଗୁଳିବାଣ୍ଟ କରନ୍ତି" (ଗୀତସଂହିତା ୨୨: ୧୮)। ସେମାନେ ଯୀଶୁଙ୍କ ଠାରୁ ସମସ୍ତ କାଢି ନେଇ ତାଙ୍କୁ ପରିତ୍ୟାଗ କରିଥିଲେ, ଏବଂ କହିଥିଲେ, "ଏହି ବ୍ୟକ୍ତିକୁ ଆମ୍ଭମାନଙ୍କ ଉପରେ କର୍ତ୍ତୃତ୍ୱ କରିବାକୁ ଦେବୁ ନାହିଁ ।"

ସାଧାରଣତଃ ମନୁଷ୍ୟମାନେ ଈଶ୍ୱରଙ୍କଠାରୁ ବର୍ଷା, ସୂର୍ଯ୍ୟକିରଣ ଇତ୍ୟାଦି ଇତ୍ୟାଦି ସକଳ ପ୍ରକାରର ଆଶୀର୍ବାଦ ଲାଭ କରିବାକୁ ଇଚ୍ଛା କରନ୍ତି, କିନ୍ତୁ ତାଙ୍କୁ ସେମାନଙ୍କ ଉପରେ କର୍ତ୍ତୃତ୍ୱ କରିବାକୁ ଚାହାଁନ୍ତି ନାହିଁ । କେତେକ ଦୁଃଖ କଷ୍ଟ ସମୟରେ ସାହାଯ୍ୟ ପାଇଁ ତାଙ୍କୁ କାତର ଭାବରେ ଡାକନ୍ତି ।

Copyright ANGP

"ସୈନ୍ୟମାନଙ୍କ ମଧ୍ୟରୁ ଜଣେ ବର୍ଚ୍ଛାରେ ତାହାଙ୍କ କକ୍ଷଦେଶ ବିନ୍ଧିଲା, ଆଉ ତତ୍‌କ୍ଷଣାତ୍ ରକ୍ତ ଓ ଜଳ ବାହାରି ହେଲା" (ଯୋହନ ୧୯: ୩୪)। କୁକୁଡ଼ା ଡାକିବା ପୂର୍ବେ ପିତର ଯୀଶୁଙ୍କୁ ତିନି ଥର ଅସ୍ୱୀକାର କରିଥିଲା, କିନ୍ତୁ ପରେ ସେ କାନ୍ଦି କାନ୍ଦି ଅନୁତାପ କରିଥିଲା । ଆପଣ କଅଣ ବାକ୍ୟରେ ଓ କାର୍ଯ୍ୟରେ ତାଙ୍କୁ ସ୍ୱୀକାର କରୁଛନ୍ତି ? ନା, ମନୁଷ୍ୟମାନଙ୍କ ସମ୍ମୁଖରେ ତାଙ୍କୁ ସ୍ୱୀକାର କରିବାକୁ ଲଜ୍ଜା ଅନୁଭବ କରୁଛନ୍ତି ? ଯୀଶୁ କହିଲେ, "ଆଉ ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ସ୍ୱୀକାର କରିବି । ମାତ୍ର ଯେ କେହି

ଲୋକଙ୍କ ସାକ୍ଷାତରେ ମୋତେ ଅସ୍ୱୀକାରକରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ଅସ୍ୱୀକାର କରିବି" (ମାଥିଉ ୧୦:୩୨-୩୩) । ଯୀଶୁ ପୁନର୍ବାର କହନ୍ତି," "ଆଉ ଯେ ଆପଣା କ୍ରୁଶ ନେଇ ମୋହର ଅନୁଗମନ ନ କରେ, ସେ ମୋହର ଯୋଗ୍ୟ ନୁହେଁ" (ମାଥିଉ ୧୦: ୩୮) । ଯେଉଁମାନେ ଯୀଶୁଖ୍ରୀଷ୍ଟ ରୂପ ଶୈଳ ଉପରେ ଦଣ୍ଡାୟମାନ, ସେମାନେ ଧନ୍ୟ !




(୫ମ ଚିତ୍ର)

ଯୀଶୁ ଆଶ୍ରୟ ଶୈଳ, ମୋ ପାଇଁ ଖଣ୍ଡିତ,
ମୋତେ ଲୁଚାଅ ତହିଁରେ ।
ବାରି ଓ ଶୋଣିତ
ତବ ପାର୍ଶ୍ବରୁ ପ୍ରବାହିତ,
କରୁ ପାପ ତାପ ଧୌତ,
ହେବ ମୁହିଁ ଶୁଦ୍ଧପୂତ ଅନ୍ତରେ ।

## ପଞ୍ଚମ ଚିତ୍ର

ଏହା ଈଶ୍ବରଙ୍କର ଅସୀମ ଅନୁଗ୍ରହରେ ପ୍ରଭୁ ଯୀଶୁଙ୍କର ରକ୍ତ ଦ୍ୱାରା ଧୌତ ଓ ପବିତ୍ରୀକୃତ ମନୁଷ୍ୟ ହୃଦୟର ଅବସ୍ଥା । ଏହି ବ୍ୟକ୍ତିର ହୃଦୟ ବର୍ତ୍ତମାନ ଈଶ୍ବରଙ୍କର ଉପଯୁକ୍ତ ମନ୍ଦିରରେ ପରିଣତ ହୋଇଛି, ଯେଉଁଠାରେ ପିତା ଈଶ୍ବର, ପୁତ୍ର ଓ ପବିତ୍ର ଆତ୍ମା ବାସ କରନ୍ତି । କାରଣ ପ୍ରଭୁ ଯୀଶୁ ପ୍ରତିଜ୍ଞା କରିଅଛନ୍ତି, "ଯଦି କେହି ମୋତେ ପ୍ରେମ କରେ, ତାହାହେଲେ ସେ ମୋହର ବାକ୍ୟ ପାଳନ କରିବ, ପୁଣି ମୋହର ପିତା ତାହାକୁ ପ୍ରେମ କରିବେ, ଆଉ ଆମ୍ଭେମାନେ ତାହା ନିକଟକୁ ଆସି ତାହା ସହିତ ବାସ କରିବା" (ଯୋହନ ୧୪: ୨୩), ଈଶ୍ବର ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ମନୁଷ୍ୟକୁ ଆଶୀର୍ବାଦ କରନ୍ତି ଓ ସମ୍ମାନ ମଧ୍ୟ କରନ୍ତି, (ଯୋହନ ୧୨:୨୬) ଉଚ୍ଚ ପଦାରୂଢ଼ କରନ୍ତି, (ଲୂକ ୧:୫୨) ।

ବର୍ତ୍ତମାନ ଏହି ହୃଦୟ ଈଶ୍ବରଙ୍କର ପବିତ୍ର ମନ୍ଦିର ! ପାପର ସ୍ଥାନ ଆଉ ନାହିଁ । ସବୁ ପ୍ରକାର ମିଥ୍ୟାର ପିତା ଶୟତାନ ଦ୍ୱାରା ପରିଚାଳିତ ଜୀବଜନ୍ତୁଙ୍କର ପରିବର୍ତ୍ତେ ପବିତ୍ର ଆତ୍ମା ବା ସତ୍ୟର ଆତ୍ମା ସେଠାରେ ଅବସ୍ଥାନ କରୁଅଛନ୍ତି । ଯାହା ପାପର ଦୃଶ୍ୟ ଆବାସ ଥିଲା ସେହି ହୃଦୟ ବର୍ତ୍ତମାନ ସୁନ୍ଦର ସୁଶୋଭିତ, ଫଳବନ୍ତ ବୃକ୍ଷ ବା ଉଦ୍ୟାନରେ ପରିଣତ ହୋଇଛି ଏବଂ ଆତ୍ମାଙ୍କର ଫଳ ସବୁ ତହିଁରେ ଫଳି ଅଛି, ଯଥା:— ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ପରୋପକାରିତା, ଭଦ୍ରତା, ବିଶ୍ବସ୍ତତା, ମୃଦୁତା, ଓ ଆତ୍ମସଂଯମ ଏବଂ ଈଶ୍ବର ଓ ମନୁଷ୍ୟର ପ୍ରୀତି-

Copyright AIGP

ଜନକ ଅନ୍ୟାନ୍ୟ ଗୁଣ । ପ୍ରକୃତ ଦ୍ରାକ୍ଷାଲତା ରୂପେ ଯୀଶୁଖ୍ରୀଷ୍ଟଙ୍କର ଫଳବନ୍ତ ଶାଖାରେ ପରିଣତ ହୋଇଛୁ । ତାହାର ଗୁପ୍ତରହସ୍ୟ ହେଉଛି, ସେ ଯୀଶୁ ଖ୍ରୀଷ୍ଟରେ ଅଛୁ ଓ ଯୀଶୁଖ୍ରୀଷ୍ଟ ତାହାଠାରେ ଅଛନ୍ତି (ଯୋହନ ୧୫: ୧-୧୦) । ସେ ପବିତ୍ର ଆତ୍ମାରେ ଅବଗାହିତ ଓ ପବିତ୍ର ହୋଇ ସେହି ପ୍ରାକୃତିକ ମନୁଷ୍ୟକୁ କ୍ରୁଶାରୋପିତ କରି ସମସ୍ତ ଶାରୀରିକ ଅଭିଳାଷ ଉପରେ ଜୟଲାଭ କରିବାର ଶକ୍ତି ପ୍ରାପ୍ତ ହୋଇଛି । ପବିତ୍ର ଆତ୍ମାଙ୍କର ଶକ୍ତିରେ ଚାଳିତ ହୋଇ ମାଂସିକ ଇଚ୍ଛାକୁ ଦମନ କରିବାକୁ ଶିଖିଛି । ଶ୍ରବଣ, ଦର୍ଶନ ଓ ଅନୁଭୂତି ଦ୍ୱାରା ସେ ଚାଳିତ ହେଉନାହିଁ, କିନ୍ତୁ ବିଶ୍ୱାସ ଦ୍ୱାରା; କାରଣ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବିଶ୍ୱାସ ଜଗତକୁ ଜୟ କରେ (୧ ଯୋହନ ୫: ୪-୫), ସେ ନିଶ୍ଚିନ୍ତ ଓ ଜୀବନ୍ତ ଆଶାରେ ଜୀବନ ଧାରଣ କରି ଯୀଶୁଖ୍ରୀଷ୍ଟଙ୍କର ପୁନରାଗମନ ଆଶାରେ ସଞ୍ଜୀବିତ ହେଉଛି । ସେ ଈଶ୍ୱରଙ୍କର ଚିରସ୍ଥାୟୀ ପ୍ରେମରେ ଜୀବିତ ରହିଛି ।

"ଶୁଦ୍ଧଚିତ୍ତ ଲୋକେ ଧନ୍ୟ, କାରଣ ସେମାନେ ଈଶ୍ୱରଙ୍କର ଦର୍ଶନ ପାଇବେ" (ମାଥିଉ ୫: ୮), ଦାଉଦ ରାଜା ପ୍ରଚୁର ଧନ ସମ୍ପତ୍ତିର ଅଧିକାରୀ ଥିଲେ, ତାଙ୍କର ସମସ୍ତ ଶତ୍ରୁଙ୍କୁ ପରାଜିତ କରିଥିଲେ । ତଥାପି ସେ ଜାଣିଥିଲେ ଯେ, ମନୁଷ୍ୟର ଅନ୍ତରରେହିଁ ସବୁଠାରୁ ଭୟଙ୍କର ଯୁଦ୍ଧ ସଙ୍ଘଟିତ ହୁଏ; ସେଥିପାଇଁ ସେ ପ୍ରାର୍ଥନା କରିଥିଲେ, "ହେ ପରମେଶ୍ୱର ମୋ ଅନ୍ତରରେ ଶୁଚି ଅନ୍ତଃକରଣ ସୃଷ୍ଟି କର; ଓ ମୋ ମଧ୍ୟରେ ସୁସ୍ଥିର ଆତ୍ମା ନୂତନ କର" (ଗୀତସଂହିତା ୫୧: ୧୦) । କୌଣସି ମନୁଷ୍ୟ ଅନ୍ତରକୁ ପବିତ୍ର କରିବାକୁ ବା ବିଶୁଦ୍ଧ ଅନ୍ତଃକରଣ ସୃଷ୍ଟି କରିବାକୁ ପାରିବେ ନାହିଁ, କେବଳ ଈଶ୍ୱର ପାରନ୍ତି, ଏବଂ ଯେଉଁ ବ୍ୟକ୍ତି ସାଧୁ ଦାଉଦଙ୍କ ପରି ପ୍ରକୃତରେ ଅନୁତପ୍ତ ହୋଇ ତାଙ୍କ ନିକଟରେ ବିନତି କରନ୍ତି. ତାହାଙ୍କୁ ସେ ଦିଅନ୍ତି । ଆପଣଙ୍କ ହୃଦୟରେ ଈଶ୍ୱର ନୂତନ ସୃଷ୍ଟିର କାର୍ଯ୍ୟ କରିବାକୁ ଚାହାନ୍ତି । ଅର୍ଥଶୂନ୍ୟ ପ୍ରତିଜ୍ଞାରେ ନିର୍ଭର କରି, ନିଜର ଉପାର୍ଜିତ ଛିଣ୍ଡାଲୁଗାରୂପ ଧାର୍ମିକତାରେ ତାଳି ଦେଇ ଆପଣ ଈଶ୍ୱରଙ୍କର ବାସୋପଯୋଗୀ ଅନ୍ତଃକରଣ ସୃଷ୍ଟି

Copyright ANGP


କର ପାରିବେ ନାହିଁ । ଈଶ୍ୱର ଆପଣଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ କାରଣ ସେ ପ୍ରତିଜ୍ଞା କରିଛନ୍ତି, "ପୁଣି ଆମ୍ଭେ ତୁମ୍ଭମାନଙ୍କ ଉପରେ ଶୁଚି ଜଳ ସିଞ୍ଚିବା, ତହିଁରେ ତୁମ୍ଭେମାନେ ଶୁଚି ହେବ; ତୁମ୍ଭମାନଙ୍କର ସବୁ ଅଶୌଚରୁ ଓ ତୁମ୍ଭମାନଙ୍କର ସକଳ ପ୍ରତିମାଗଣଠାରୁ ଆମ୍ଭେ ତୁମ୍ଭମାନଙ୍କୁ ଶୁଚି କରିବା । ଆହୁରି ଆମ୍ଭେ ତୁମ୍ଭମାନଙ୍କୁ ଏକ ନୂତନ ହୃଦୟ ଦେବା, ଓ ଆମ୍ଭେ ତୁମ୍ଭମାନଙ୍କ ଅନ୍ତରରେ ଏକ ନୂତନ ଆତ୍ମା ସ୍ଥାପନ କରିବା; ଆଉ ଆମ୍ଭେ ତୁମ୍ଭମାନଙ୍କ ମାଂସ ମଧ୍ୟରୁ ପ୍ରସ୍ତରମୟ ହୃଦୟ କାଢ଼ି ନେବା ଓ ଆମ୍ଭେ ତୁମ୍ଭମାନଙ୍କୁ ମାଂସମୟ ହୃଦୟ ଦେବା । ପୁଣି ଆମ୍ଭେ ତୁମ୍ଭମାନଙ୍କ ଅନ୍ତରରେ ଆମ୍ଭର ଆତ୍ମା ସ୍ଥାପନ କରିବା, ଓ ତୁମ୍ଭମାନଙ୍କୁ ଆମ୍ଭର ବିଧିରୂପ ପଥରେ ଚଳାଇବା, ତହିଁରେ ତୁମ୍ଭେମାନେ ଆମ୍ଭର ଶାସନ ସକଳ ରକ୍ଷା କରି ପାଳନ କରିବ" (ଯିହିଜିକଲ ୩୬: ୨୫-୨୭) । ଏହାହିଁ ଈଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ରକ୍ତଦ୍ୱାରା ମୁଦ୍ରାଙ୍କିତ ନୂତନ ନିୟମର ଅର୍ଥ ।

ଏହି ଚିତ୍ରରେ ପୁଣି ସ୍ୱର୍ଗଦୂତଙ୍କୁ ଦେଖନ୍ତୁ । ଯେଉଁମାନେ ଈଶ୍ୱରଙ୍କୁ ଭୟ କରନ୍ତି । ଯେଉଁମାନେ ଅନନ୍ତ ଜୀବନର ଅଧିକାରୀ, ସେମାନଙ୍କର ଚତୁର୍ଦ୍ଦିଗରେ ଶିବିରସ୍ଥାପନ କରିବାକୁ ଓ ସେବା କରିବାକୁ ଈଶ୍ୱର ସ୍ୱର୍ଗଦୂତମାନଙ୍କୁ ନିଯୁକ୍ତ କରନ୍ତି (ଗୀତ ସଂହିତା ୩୪: ୭:, ୯୧. ୧୧:; ଦାନିୟେଲ ୬: ୨୨; ମାଥିଉ ୨: ୧୩; ୧୮: ୧୦-୧୧, ପ୍ରେରିତ ୫: ୧୯; ୧୨: ୭-୧୦) ।

ଶୟତାନ୍‌କୁ ମଧ୍ୟ ଏଠାରେ ଦେଖନ୍ତୁ । ସେ ଏହି ମନୁଷ୍ୟର ହୃଦୟର ଖୁବ୍ ନିକଟରେ ଠିଆ ହୋଇ ପୁନର୍ବାର ପ୍ରବେଶ କରିବାର ସୁଯୋଗ ଖୋଜୁଛି । ସେଥିପାଇଁ ପ୍ରଭୁ ଆମ୍ଭମାନଙ୍କୁ ସତର୍କ କରାଇ ଦେଇଛନ୍ତି । "ଜାଗ୍ରତ ରହି ପ୍ରାର୍ଥନା କର,," କାରଣ ଆମ୍ଭମାନଙ୍କର "ବିପକ୍ଷ ଶୟତାନ ସିଂହପ୍ରାୟ ଗର୍ଜ୍ଜନ କରି କାହାକୁ ଗ୍ରାସିବ, ଏହା ଖୋଜି ବୁଲୁଛି" (୧ପିତର ୫: ୮) ଅନେକ ସମୟରେ ସେ ସ୍ୱର୍ଗଦୂତର ବେଶ

ଧାରଣାକର ଅସାବଧାନ ଭକ୍ତମାନଙ୍କ ନିକଟରେ ଉପସ୍ଥିତହୋଇ ଜାଗତିକ ଅଭିଳାଷ ଦ୍ୱାରା ସେମାନଙ୍କର ଅନ୍ତରକୁ ଚଞ୍ଚଳ କରେ, ଏହିପରି ଭାବରେ ସେ ମନୋନୀତମାନଙ୍କୁ ମଧ୍ୟ ଭୁଲାଏ । ଅତଏବ ଆମ୍ଭେମାନେ ଯଦି ଶୟତାନକୁ ପ୍ରତିରୋଧ କରୁଁ ତେବେ ସେ ପଳାଇ ଯିବ (ଯାକୁବ ୪: ୭) ।

## ଷଷ୍ଠ ଚିତ୍ର



ଏହା ଜଣେ ବିଶ୍ୱାସ ଭ୍ରଷ୍ଟ ମନୁଷ୍ୟର ଚିହ୍ନ । ଖ୍ରୀଷ୍ଟୀୟ ଜୀବନରେ ସେ ଧୀରେ ଧୀରେ ଶିଥିଳ ହୋଇ ପଡ଼ୁଛି । ପ୍ରମାଣ ସ୍ୱରୂପ ଦେଖି ପାରୁଁ ଯେ, ତାର ଗୋଟିଏ ଆଖି ବନ୍ଦ ହୋଇ ଆସୁଛି । ଅନ୍ୟ ଆଖି ଦ୍ୱାରା ଲକ୍ଷ୍ୟାହୀନ ଭାବରେ ଦୂରର ଆଡ଼କୁ ଅନାଉଛି, ମନେହୁଏ ସେ ଜଗତ ପ୍ରତି ଆକୃଷ୍ଟ ହୋଇ ପଡଉଛି । ହୃଦୟର ଜ୍ୟୋତି ନଷ୍ଟ ହୋଇ ପଡ଼ୁଛି । ଖ୍ରୀଷ୍ଟଙ୍କ ସହ ଦୁଃଖ ଭୋଗ କରିବାର ଇଚ୍ଛା ଆଉ ନାହିଁ, ଧାର୍ମିକତାର ପଥରେ ଆଉ ସ୍ଥିର ନୁହେଁ । ଶୟତାନ ଦୂରରୁ ଆଉ ତାକୁ ପ୍ରଲୋଭିତ କରୁଛି, ଏବଂ ସେ ପ୍ରତିରୋଧ ନ କରି ବରଂ ଆତ୍ମ ସମର୍ପଣ କରୁଛି । ଈଶ୍ୱରଙ୍କ ବାକ୍ୟ ପ୍ରତି ତାର ଆଗ୍ରହ ନାହିଁ, କିନ୍ତୁ ଶୟତାନର ଭ୍ରାନ୍ତ ଓ ଚତୁରୀ ପ୍ରତି ତାର ମନଯୋଗ । ସେ ଉପାସନାରେ ଯୋଗ ଦେଇପାରେ, ଧର୍ମକର୍ମ ଦ୍ୱାରା ଜାଗତିକତାକୁ ଢାଙ୍କି ରଖି ପାରେ, କିନ୍ତୁ ଈଶ୍ୱରଙ୍କ ପ୍ରତି ତାର ପ୍ରେମ ଯେ ଶିଥିଳ, ଏଥିରେ ସନ୍ଦେହ ନାହିଁ । ଦ୍ୱିମନା ଓ ଦୁଇ ନୌକାରେ ଗୋଡ ଦେଇ ଗମନ କରୁଛି । ସେ ଜଗତ ପ୍ରତି ଆସକ୍ତ ହୋଇ ପଡ଼ୁଛି, କିନ୍ତୁ ଈଶ୍ୱରଙ୍କୁ ପ୍ରେମ କରୁଛି ବୋଲି ଛଳନା କରୁଛି । ବିବେକର ପ୍ରଶଂକ ତାର ମଧ୍ୟ ନିସ୍ତେଜ । ଏଣୁ ବର୍ତ୍ତମାନ ତାହା ପକ୍ଷରେ ଏକ ବୋଝ, ତାର ବିଶ୍ୱାସ ସୁସ୍ଥିର ନୁହେଁ, ପ୍ରାର୍ଥନାରେ ଈଶ୍ୱରଙ୍କ ସହଭାଗିତା ଆଉ ଚାହୁଁ ନାହିଁ । ନିଜର ପ୍ରକୃତ ଅବସ୍ଥା ପ୍ରତି ସେ ବର୍ତ୍ତମାନ ଉଦାସୀନ, ବରଂ ଦୂରଆଡେ ଘୂରି ବୁଲୁଥିବା ଶୟତାନ ପାଇଁ ଦ୍ୱାର ଖୋଲି ଦେଉଛି । ବିଶ୍ୱାସୀମାନଙ୍କର ସହଭାଗିତା ଆଉ କାମ୍ୟ ନୁହେଁ କିନ୍ତୁ ଜାଗତିକ ବନ୍ଧୁବାନ୍ଧବମାନଙ୍କ ସହିତ ଆମୋଦ ପ୍ରମୋଦରେ ତାର ଅତ୍ୟନ୍ତ ଆନନ୍ଦ ।

ଯଦି ବନ୍ୟ ଅଶୁଚି ପକ୍ଷୀ ଓ ଅଶୁଚି ଚିନ୍ତା ଆମ୍ଭମାନଙ୍କର ମୁଣ୍ଡ ଉପର ଦେଇ ଉଡ଼ିଯାଏ, ତେବେ ତାହାକୁ ବାଧା ଦେବାର ଶକ୍ତି ଆମ୍ଭମାନଙ୍କର ନାହିଁ । କିନ୍ତୁ ଯଦି ଆମ୍ଭମାନଙ୍କ ଉପରେ ବସିବାକୁ ଓ ବସା ବାନ୍ଧିବାକୁ ଦେଉଁ ତେବେ ଦୋଷୀ ହେବୁ । ଯଦି ଶୟତାନ ଆଡ଼କୁ କାଣି ଆଙ୍ଗୁଳିଟି ବଢାଇ ଦେଉଁ, ତେବେ ସେ ସମସ୍ତ ହାତଟି

Copyright ANGP


ଟାଣି ନେଇ ନର୍କରେ ପକାଇ ଦେବ । ତେଣୁ ଈଶ୍ୱର ପ୍ରକୃତରେ ଆମ୍ଭମାନଙ୍କୁ ସତର୍କ କରାଇ ଦେଇଛନ୍ତି, ଯେପରି ଆମ୍ଭେମାନେ ଯୌବନର ଅଭିଳାଷରୁ ପଳାଉଁ, ପାପ ସହିତ ନ ଖେଳୁଁ, ବରଂ ଉଦ୍ଧାରକର୍ତ୍ତା ବିଜୟୀ ଖ୍ରୀଷ୍ଟ ଯୀଶୁଙ୍କ ନିକଟରେ ଶରଣ ପଶୁଁ ।

ଏଠାରେ ଦେଖୁଛୁ ଯେ, ଜଣେ ଲୋକ ଛୁରୀ ନେଇ ଏହି ବ୍ୟକ୍ତିର ହୃଦୟକୁ ବିଦ୍ଧ କରୁଛି । ଏହା ଖ୍ରୀଷ୍ଟ ଧର୍ମର ବିରୁଦ୍ଧାଚାରୀ ଓ ବିଦ୍ରୂପ-କାରୀମାନଙ୍କୁ ବୁଝାଉଛି । ଏହି ଲୋକମାନେ ଅଶୁଦ୍ଧ ଜିହ୍ୱା ଓ ବିଦ୍ରୂପକାରୀ ଓଷ୍ଠ ଦ୍ୱାରା ଖ୍ରୀଷ୍ଟିୟାନମାନଙ୍କର ଅନ୍ତରକୁ କ୍ଷତ ବିକ୍ଷତ କରନ୍ତି ଓ ଦୁର୍ବଳ ବିଶ୍ୱାସୀମାନେ ଏହା ସହ୍ୟ କରି ପାରନ୍ତି ନାହିଁ । ଏହି ବ୍ୟକ୍ତି ଈଶ୍ୱରଙ୍କଠାରୁ ମନୁଷ୍ୟକୁ ବେଶୀ ଭୟ କରୁଛି । ଲୋକ ନିନ୍ଦା ଭୟରେ ସେ ମନୁଷ୍ୟର ଦାସ ହୋଇ ଈଶ୍ୱରଙ୍କଠାରୁ ଦୂରକୁ ଚାଲି ଯାଉଛି । ଦୁଃଖ କଷ୍ଟ ଓ ନିରାଶା ସମୟରେ କ୍ରୋଧ ଓ ବଦ୍ ସ୍ୱଭାବ ଦେଖା ଦେଇ ହୃଦୟରେ ବାସ କରିବାକୁ ଚେଷ୍ଟା କରୁଛି । ଏହି ସବୁ ତାର ହୃଦୟରେ ଦେଖା ଦେବା ବେଳେ ଈର୍ଷାର ପ୍ରତୀକ ସାପ ମଧ୍ୟ ପ୍ରବେଶ କରିବାକୁ ଚେଷ୍ଟା କରୁଛି । ଈର୍ଷା ସ୍ଥାନ ପାଇଲେ, ଘୃଣା ଓ ଅହଙ୍କାରକୁ ଡ଼ାକି ଆଣେ ।

ପ୍ରଭୁ ଯୀଶୁଙ୍କର ବାକ୍ୟ ପ୍ରତି ଯଦି ଆମ୍ଭେମାନେ ଧ୍ୟାନ ନ ଦେଉଁ, ତେବେ ଅର୍ଥ ଲୋଭ ଆମ୍ଭମାନଙ୍କର ଅନ୍ତରରେ ପ୍ରବେଶ କରିପାରେ । “ପରୀକ୍ଷାରେ ଯେପରି ନ ପଡ, ଏଥିପାଇଁ ଜାଗି ରହି ପ୍ରାର୍ଥନା କର” (ମାଥିଉ ୨୬: ୪୧), “ଏଣୁ ଯେ ଆପଣାକୁ ସ୍ଥିର ବୋଲି ମନେ କରେ, ସେ ଯେପରି ପତିତ ନ ହୁଏ, ଏଥି ନିମନ୍ତେ ସେ ସାବଧାନ ହେଉ” (୧ କରିନ୍ଥୀ ୧୦: ୧୨) । “ତୁମ୍ଭେମାନେ ଯେପରି ଶୟତାନର ସମସ୍ତ ଚତୁରର ବିରୁଦ୍ଧରେ ଦଣ୍ଡାୟମାନ ହୋଇପାର, ଏଥି ନିମନ୍ତେ ଈଶ୍ୱର ଦତ୍ତ ସମସ୍ତ ସଜ୍ଜାରେ ଆପଣା ଆପଣାକୁ ସୁସଜ୍ଜିତ କର” (ଏଫିସୀୟ ୬: ୧୧) ।

Copyright ANGP

# ସପ୍ତମ ଚିତ୍ର




ଏହି ଚିତ୍ରଟି ଜଣେ ବିଶ୍ୱାସଭ୍ରଷ୍ଟ ବ୍ୟକ୍ତିର ହୃଦୟର ଅବସ୍ଥା ପ୍ରକାଶ କରୁଛି, ଯେ କି ଏକଦା ସ୍ୱର୍ଗୀୟ ଜ୍ୟୋତିଃ ଲାଭ କରିଥିଲା । ସ୍ୱର୍ଗୀୟ ଦାନକୁ ଚାଖି ଥିଲା ଏବଂ ପବିତ୍ର ଆତ୍ମାର ଅଂଶୀ ହୋଇ ସୁଦ୍ଧା ପଛକୁ ଫେରି ଯାଇଛି । ଏହା ଅନ୍ୟ ଏକ ବ୍ୟକ୍ତିର ହୃଦୟକୁ ମଧ୍ୟ ପ୍ରକାଶ କରୁଛି, ଯେ ସତ୍ୟର ସୁସମାଚାରକୁ ଜାଣି ମଧ୍ୟ ମନ ପରିବର୍ତ୍ତନ

କରି ନାହିଁ ବା ଈଶ୍ୱରଙ୍କ ନିକଟରେ ନିଜକୁ ସମର୍ପଣ କରି ନାହିଁ । ସେ ଈଶ୍ୱରଙ୍କର ଚେତନାବାଣୀ ଶୁଣି ମଧ୍ୟ ହୃଦୟକୁ କଠିନ କରେ, ସେ ଅଧିକ ମନ୍ଦ ଅଡ଼କୁ ଗଳିଯାଏ । ନିଜକୁ ସଂଶୋଧନ କରିବା ପାଇଁ ଯେତେ ଚେଷ୍ଟା କଲେ ସୁଦ୍ଧା କିଛି ଫଳ ହୁଏ ନାହିଁ ।

ବିଶ୍ୱାସଭ୍ରଷ୍ଟ ମନୁଷ୍ୟର ବିଷୟରେ ଯୀଶୁ ନିଜେହିଁ ବର୍ଣ୍ଣନା କରିଛନ୍ତି, "ଅଶୁଚି ଆତ୍ମା ଜଣେ ମନୁଷ୍ୟଠାରୁ ବାହାରି ଗଲା ଉତ୍ତାରେ ଜଳଶୂନ୍ୟ ସ୍ଥାନ ସବୁ ଭ୍ରମଣ କରି ବିଶ୍ରାମ ଖୋଜେ, ଆଉ ତାହା ନପାଇ କହେ, ମୁଁ ଯେଉଁ ଘରୁ ବାହାରି ଆସିଥିଲି, ମୋର ସେହି ଘରକୁ ବାହୁଡ଼ି ଯିବି; ପୁଣି ସେ ଆସି ତାହା ମାର୍ଜ୍ଜିତ ଓ ସୁଶୋଭିତ ଦେଖେ । ସେତେବେଳେ ସେ ଯାଇ ଆପଣାଠାରୁ ଅଧିକ ଦୁଷ୍ଟ ଆଉ ସତୋଟି ଆତ୍ମା ସଙ୍ଗରେ ଘେନି ଆସେ, ପୁଣି ସେମାନେ ପ୍ରବେଶ କରି ସେଠାରେ ବାସ କରନ୍ତି, ଆଉ ସେହି ଲୋକର ପ୍ରଥମ ଦଶା ଅପେକ୍ଷା ଶେଷ ଦଶା ଅଧିକ ମନ୍ଦ ହୁଏ" (ଲୂକ ୧୧: ୨୪-୨୬) । "କୁକୁର ଆପଣା ବାନ୍ତି ଖାଇବାକୁ ଓ ଧୌତ ହୋଇଥିବା ଘୁଷୁରି କାଦୁଅରେ ଲୋଟିବାକୁ ପୁନର୍ବାର ଫେରେ, ଏହି ସତ୍ୟ ଦୃଷ୍ଟାନ୍ତବାକ୍ୟ ସେମାନଙ୍କ ପ୍ରତି ଘଟିଅଛି" (୨ୟ ପିତର ୨: ୨୨) ।

Copyright ANGP

ଏହି ଶାସ୍ତ୍ର ବାକ୍ୟ ସବୁ ପରିଷ୍କାର ଭାବରେ ବିଶ୍ୱାସଭ୍ରଷ୍ଟ ବା ଅନୁତାପ ବିହୀନ ପାପୀର ହୃଦୟର ଅବସ୍ଥା ପ୍ରକାଶ କରୁଛି । ପାପ ଚତୁରତା ସହକାରେ ପ୍ରବେଶ କରି ରାଜତ୍ୱ କରୁଛି । ତାହାର ମୁଖ ମଣ୍ଡଳରୁ ହୃଦୟର ଅବସ୍ଥା ପ୍ରକାଶିତ ହେଉଛି । କପୋତ ରୂପ ପବିତ୍ର ଆତ୍ମା ପାପ ସହିତ ଏକତ୍ର ବାସ କରି ନ ପାରି ବାହାରି ଯିବାକୁ ବାଧ୍ୟ ହୋଇଛି । ହୃଦୟ ଏକ ସଙ୍ଗେ ଈଶ୍ୱରଙ୍କ ମନ୍ଦିର ଓ ଶୟତାନର କାରଖାନା ହୋଇ ପାରେନା । ଈଶ୍ୱରଙ୍କ ବାକ୍ୟ, ସେହି ସ୍ୱର୍ଗଦୂତ ଅତି ଦୁଃଖରେ ବାହାରି ଯାଇ, ପୁଣି ପଛକୁ ଫେରି ଦେଖୁଛି, ଯଦି ସେ ପୁନର୍ବାର "ଅପବ୍ୟୟୀ ପୁତ୍ର ସଦୃଶ ଅନୁତାପ କରେ," ପୁଣି ଘୁଷୁରିମାନେ

ଯେଉଁ ଶିମ ଖାଉଥିଲେ, ସେଥିରେ ସେ ଆପଣା ପେଟ ପୂରାଇବାକୁ ବାଞ୍ଛା କରୁଥିଲା, କିନ୍ତୁ କେହି ତାହାକୁ ଦେଉ ନ ଥିଲେ। ମାତ୍ର ସେ ଚେତନା ପାଇ କହିଲା, ମୋର ବାପାଙ୍କର କେତେ ମୂଲିଆଙ୍କର ଖାଦ୍ୟ ବଳି ପଡ଼ୁଅଛି, କିନ୍ତୁ ମୁଁ ଏଠାରେ ଭୋକରେ ମରୁଅଛି। ମୁଁ ଉଠି ମୋର ବାପାଙ୍କ ପାଖକୁ ଯିବି ଓ ତାହାଙ୍କୁ କହିବି, ବାପା, ଈଶ୍ୱରଙ୍କ ବିରୁଦ୍ଧରେ ଓ ତୁମ୍ଭ ଦୃଷ୍ଟିରେ ମୁଁ ପାପ କଲି; ତୁମ୍ଭ ପୁଅ ବୋଲି ଡକା ଯିବାର ମୁଁ ଆଉ ଯୋଗ୍ୟ ନୁହେଁ (ଲୂକ ୧୫: ୧୬-୧୯)। ପିତା ତାଙ୍କର ଅନୁତପ୍ତ ପୁତ୍ରକୁ କ୍ଷମା କରି ପୁନର୍ବାର ଗ୍ରହଣ କଲେ।

ହୃଦୟର ଏହି ଅବସ୍ଥାରେ ପ୍ରକୃତ ଅନୁତାପ, ଈଶ୍ୱରଙ୍କ ନିକଟକୁ ଫେରିବାର, କିମ୍ବା ଯୀଶୁଙ୍କ ଚରଣରେ କ୍ଷମା ଭିକ୍ଷା କରିବାର କୌଣସି ଲକ୍ଷଣ ଦେଖା ଯାଉନାହିଁ। ତାର ବିବେକକୁ ମଧ୍ୟ ତପ୍ତ ଲୁହାରେ ପୋଡ଼ା ଯାଇ ନୀରବ କରାଇ ଦିଆ ହୋଇଛି। କାନ ଥିଲେ ମଧ୍ୟ ଯୀଶୁଙ୍କର ଚେତନା ବାକ୍ୟ ଶୁଣି ପାରୁନାହିଁ। ଚକ୍ଷୁ ଥିଲେ ମଧ୍ୟ ତାହା ପାଇଁ ଅପେକ୍ଷା କରୁଥିବା ଜଳନ୍ତା ନରକର ଅତଳ ଗହ୍ୱର ଦେଖି ପାରୁନାହିଁ। ପାପ କରିବାକୁ ଆଉ ଲଜ୍ଜା ବୋଧ ହେଉନାହିଁ, ଶୟତାନ ରାଜତ୍ୱ କରିବା ପାଇଁ ତାହାର ହୃଦୟ ସିଂହାସନରେ ଉପବିଷ୍ଟ। ବାହାରେ ସେ ସୁନ୍ଦର, ସମ୍ମାନିତ ଓ ଧାର୍ମିକ, ବା ଚୂନ ଲିପା କବର ପରି ଦେଖା ଯାଇ ପାରେ. "କିନ୍ତୁ ଭିତରେ ମୃତମାନଙ୍କର ଅସ୍ଥି ଓ ସବୁ ପ୍ରକାର ଅଶୁଚିତାରେ ପରିପୂର୍ଣ୍ଣ" (ମାଥିଉ ୨୩: ୨୭)।

ସବୁ ପ୍ରକାର ମିଥ୍ୟାର ଜନକ ସତ୍ୟ ଆତ୍ମାର ସ୍ଥାନ ଅଧିକାର କରି ବସି ଅଛି। ପ୍ରତ୍ୟେକ ପାପର ପ୍ରତୀକ ଜୀବଜନ୍ତୁ ଗୋଟିଏ ଗୋଟିଏ ଅଶୁଚି ଆତ୍ମା ସହିତ ହୃଦୟକୁ ଅଧିକାର କରୁଛନ୍ତି। ଯଦିଓ ସେ ସେହି ନୀଚ ଯନ୍ତ୍ରଣା ଦାୟକମାନଙ୍କର କବଳରୁ ମୁକ୍ତ ପାଇବାକୁ ଚାହେଁ, ତଥାପି ସେମାନେ ତାହାକୁ ବାନ୍ଧି ରଖିଛନ୍ତି। "କେହି ମୋଶାଙ୍କ ବ୍ୟବସ୍ଥାକୁ ଅମାନ୍ୟ କଲେ, ସେ ଦୟା ପ୍ରାପ୍ତ ନ ହୋଇ ଦୁଇ କିମ୍ବା

Copyright AIGP


ତିନିଜଣ ସାକ୍ଷୀଙ୍କ ପ୍ରମାଣରେ ହତ ହୁଏ; ତେବେ ଭାବ ଦେଖ, ଯେ ଈଶ୍ୱରଙ୍କ ପୁତ୍ରଙ୍କୁ ପଦଦଳିତ କରିଅଛି, ନିୟମର ଯେଉଁ ରକ୍ତ ଦ୍ୱାରା ସେ ପବିତ୍ରୀକୃତ ହୋଇଥିଲା, ତାହାକୁ ସାମାନ୍ୟ ବିଷୟ ବୋଲି ମନେ କରିଅଛି ଓ ଅନୁଗ୍ରହଦାତା ଆତ୍ମାଙ୍କୁ ଅବମାନନା କରିଅଛି, ସେ କେତେ ଅଧିକ ଗୁରୁତର ଦଣ୍ଡର ଯୋଗ୍ୟ ନ ହେବ" (ଏବ୍ରୀ ୧୦: ୨୮-୨୯)।

ପ୍ରିୟବନ୍ଧୁ, ଯଦି ଏହି ଚିତ୍ର ଆପଣଙ୍କର ହୃଦୟର ଅବସ୍ଥାକୁ ପ୍ରକାଶ କରୁଥାଏ, ତେବେ କାଳ ବିଳମ୍ବ ନକରି ହୃଦୟର ସହିତ ଈଶ୍ୱରଙ୍କ ନିକଟରେ କ୍ରନ୍ଦନ କରନ୍ତୁ, କାରଣ, "ସେ ସମ୍ପୂର୍ଣ୍ଣ ରୂପେ ପରିତ୍ରାଣ ଦେବାକୁ ସକ୍ଷମ ଅଟନ୍ତି," ଏବଂ ଆପଣ ସତ୍ୟ ସତ୍ୟ ଅନୁତାପ କଲେ ସେ କ୍ଷମା କରିବାକୁ ପ୍ରସ୍ତୁତ। ଯଦି ଆପଣ ଏହା କରନ୍ତି ତେବେ ସେ ଶୟତାନ ଓ ଅନ୍ଧକାରର ଶକ୍ତି ସମୂହକୁ ବାନ୍ଧି ଆପଣଙ୍କ ହୃଦୟରୁ ଦୂର କରିଦେବେ। ସେହିପରି କୁଷ୍ଠ ରୋଗୀ ପରି ଆସି ଯୀଶୁଙ୍କୁ କହିଲେ, "ଆପଣ ଯଦି ଇଚ୍ଛା କରନ୍ତି, ତାହାହେଲେ ମୋତେ ଶୁଚି କରି ପାରନ୍ତି।" ଯୀଶୁ ଉତ୍ତର ଦେଲେ, "ମୁଁ ଇଚ୍ଛା କରୁଛି, ଶୁଚି ହୁଅ" (ମାର୍କ ୧: ୪୦-୪୧)। କିନ୍ତୁ ଯଦି ଆପଣ ହୃଦୟକୁ କଠିନ କରି ରଖନ୍ତି ଏବଂ ଆଲୋକ ଅପେକ୍ଷା ଅନ୍ଧକାରକୁ ଅଧିକ ପ୍ରେମ କରନ୍ତି, ତେବେ ଆଉ କୌଣସି ଆଶା ଆପଣଙ୍କ ପାଇଁ ନାହିଁ ଓ କେହି ଆପଣଙ୍କୁ ସାହାଯ୍ୟ କରି ମଧ୍ୟ ପାରିବେ ନାହିଁ, କାରଣ ଆପଣ ଜୀବନଠାରୁ ମୃତ୍ୟୁକୁ ପସନ୍ଦ କରୁଛନ୍ତି; ଯେଣୁ, "ପାପର ବେତନ ମୃତ୍ୟୁ" (ରୋମୀୟ ୬: ୨୩)।

Copyright AIVGP

## ଅଷ୍ଟମ ଚିତ୍ର

ଏଠାରେ ଜଣେ ଗର୍ବସ୍ୱୀ ଓ କଠିନ ହୃଦୟବିଶିଷ୍ଟ ପାପୀକୁ ଦେଖ, ଯେ ମୃତ୍ୟୁ ଆଡକୁ ଆଗେଇ ଚାଲିଛି। ହଠାତ୍ ଅପ୍ରତ୍ୟାଶିତ ଭାବରେ ମୃତ୍ୟୁ ତାହା ନିକଟରେ ଉପସ୍ଥିତ। ପାପର ଅସାର ଆନନ୍ଦ ଆଉ ନାହିଁ, ବରଂ ତାର ଭୟାବହ ଓ ଚରମ ବେତନର ସମୟ





ତାହ୍ରବତାର ସମ୍ମୁଖୀନ ତାକୁ ବର୍ତ୍ତମାନ ହେବାକୁ ହେବ । ନର୍କ ଭୟଙ୍କର ରୂପ ଧରି ତାର ଶିକାରକୁ ଗ୍ରାସ କରିବା ପାଇଁ ଆଗେଇ ଆସୁଛି । ଯଦିଓ ସେ ବର୍ତ୍ତମାନ ଈଶ୍ବରଙ୍କ ନିକଟରେ ପ୍ରାର୍ଥନା କରିବାକୁ ଚାହୁଁଛି, ତଥାପି ସେ ଜାଣୁଛି ଯେ, ଏତେ ଦିନ ସେ ତାଙ୍କର ପ୍ରେମକୁ

ଉଲ୍ଲଙ୍ଘନ କରି ଆସିଛି, ତେଣୁ ଆଜି ତାଙ୍କର ସହଭାଗିତା ଲାଭ କରିବାର ଅଧିକାର ତାର ନାହିଁ । ଅନ୍ୟାୟ ଉପାୟରେ ଅର୍ଜିତ ଧନ ତାର ଆୟୁଷ ଆଉ ବଢାଇ ପାରେନା, ତାର ଆତ୍ମାର ମୁକ୍ତି ସାଧନ ମଧ୍ୟ କରି ପାରେନା; ଆଉ ମଧ୍ୟ ଯନ୍ତ୍ରଣାର ଉପଶମ କରି ପାରେନା । ଈଶ୍ୱରଙ୍କ ନିକଟରେ ହୃଦୟକୁ ଲଗାଇବା ତା ପକ୍ଷରେ ଅସମ୍ଭବ, କାରଣ ଶୟତାନ ଆଉ ସୁଯୋଗ ଦେଉନାହିଁ ।

ଏବେ ସେ ଯାହା ଭଲ ପାଉଥିଲା ଓ ଯାହା ପାଇଁ ବଞ୍ଚି ରହିଥିଲା, ସେ ସବୁ ଆଜି ତାକୁ ଉପହାସ କରୁଛି । ସେ ଈଶ୍ୱରଙ୍କ ଅନୁଗ୍ରହ ଉଲ୍ଲଙ୍ଘନ କରି ଦଣ୍ଡର ଅଧୀନ ହୋଇଛି ବୋଲି ତାହାର ସେହି ଅବିଶ୍ୱସ୍ତ ଓ ଅପରିବର୍ତ୍ତିତ ପାଳକ ତାକୁ ଆଉ ସାହାଯ୍ୟ କରି ପାରୁ ନାହିଁ । ସେ ବୁଝି ପାରୁଛି, "ଜୀବିତ ଈଶ୍ୱରଙ୍କ ହସ୍ତରେ ପଡିବା ଭୟଙ୍କର ବିଷୟ" (ଏବ୍ରୀ ୧୦: ୩୧) । ସେ ଭାବିଥିଲା, କୌଣସି ସୁବିଧା ଦେଖି ବା ମୃତ୍ୟୁ ଶଯ୍ୟାରେ ଈଶ୍ୱରଙ୍କ ସହିତ ନିଜର ହିସାବ ନିକାସ କରି ନେବ, କିନ୍ତୁ ବର୍ତ୍ତମାନ ସେ ବୁଝିଲା ଯେ, ତାଙ୍କ ସହିତ ସେ ସବୁ କରିବାର ସମୟ ଚାଲି ଯାଇଛି, ଆଉ ତାହା ସମ୍ଭବ ନୁହେଁ । ହଜାର ହଜାର ସ୍ତ୍ରୀ ପୁରୁଷ ଆକସ୍ମିକ ଭାବରେ ପ୍ରାଣ ହରାଉଛନ୍ତି, ମୃତ୍ୟୁ ପୂର୍ବରୁ ଈଶ୍ୱରଙ୍କ ଅନ୍ୱେଷଣ କରିବାର ଶେଷ ସୁଯୋଗ ଆଉ ପାଉ ନାହାନ୍ତି । ସେ ଯେତେବେଳେ ମିଳୁଛନ୍ତି ସେ ସମୟରେ ତାଙ୍କର ଅନ୍ୱେଷଣ କରିବା ଉଚିତ । ଏହି ମରିବାକୁ ଉଦ୍ୟତ ପାପୀ, ଯେ ସାରା ଜୀବନ ଈଶ୍ୱରଙ୍କର ଅନୁଗ୍ରହ ଓ ପ୍ରେମକୁ ଅବଜ୍ଞା କରି ଆସିଛି, ବର୍ତ୍ତମାନ ତାହାକୁ ପରିତ୍ରାଣକାରୀ ଓ ସାନ୍ତ୍ୱନା ଦାୟୀ ବାକ୍ୟ ପରିବର୍ତ୍ତେ ଦଣ୍ଡାଜ୍ଞା ଶୁଣିବାକୁ ହେଉଛି, କାରଣ ତ୍ରାଣକର୍ତ୍ତା ବର୍ତ୍ତମାନ ବିଚାରକ ରୂପେ ଅଧିଷ୍ଠିତ । "ରେ ଶାପଗ୍ରସ୍ତମାନେ, ମୋ ସମ୍ମୁଖରୁ ଦୂର ହୋଇ ଶୟତାନ ଓ ତାହାର ଦୂତମାନଙ୍କ ନିମନ୍ତେ ପ୍ରସ୍ତୁତ କରା ଯାଇଥିବା ଅନନ୍ତ ଅଗ୍ନି ମଧ୍ୟକୁ ପ୍ରସ୍ଥାନ କର" (ମାଥିଉ ୨୫: ୪୧) । ମନୁଷ୍ୟମାନଙ୍କ ନିମନ୍ତେ ଥରେ ମାତ୍ର ମୃତ୍ୟୁ, ଆଉ ତାହା ପରେ ବିଚାର ନିରୂପିତ ଅଛି" (ଏବ୍ରୀ ୯: ୨୭) ।

Copyright ANGP

# ନବମ ଚିତ୍ର




ଏହା ଏପରି ଜଣେ ଖ୍ରୀଷ୍ଟିୟାନର ହୃଦୟର ଚିତ୍ର ଯେ ଅଗ୍ନି ପରୀକ୍ଷାକୁ ଧୈର୍ଯ୍ୟ ଧରି ସହ୍ୟ କରି ଜୟଯୁକ୍ତ ହୋଇଛନ୍ତି । ଚତୁର୍ଦ୍ଦିଗରୁ ପରୀକ୍ଷିତ ହେଲେ ମଧ୍ୟ ଶେଷ ପର୍ଯ୍ୟନ୍ତ ସହ୍ୟ କରି ଏବଂ ଲକ୍ଷ୍ୟରେ ସ୍ଥିର ରହି ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ସର୍ବଶ୍ରେଷ୍ଠ ବିଜୟ ଲାଭ କରିଛନ୍ତି । ସେ ଯେ କେବଳ ଖ୍ରୀଷ୍ଟିୟ ଭିଡରେ ଯୋଗ ଦେଇଛନ୍ତି, ତାହା ନୁହେଁ, ବରଂ

ପ୍ରାଣପଣ କରି ଦୌଡ଼ୁଛୁ, ଡାହାଣ କି ବାମକୁ ନ ଚଳି "ବିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁଙ୍କୁ ଲକ୍ଷ୍ୟ କରି ଧୈର୍ଯ୍ୟ ସହକାରେ ଗନ୍ତବ୍ୟ ପଥରେ ଧାବମାନ ହୋଇଛୁ" (ଏବ୍ରୀ ୧୨: ୧)।

ଶୟତାନ ତାହାର ସମସ୍ତ ଅନୁଚର ସହିତ ବିଶ୍ୱାସୀର ହୃଦୟକୁ ଜୟ କରି ତାହାକୁ ବିପଥରେ ନେଇ ଯିବାକୁ ବୃଥା ଚେଷ୍ଟା କରୁଛି । ଅହଙ୍କାର, ଅର୍ଥଲୋଭ, ମନ୍ଦ ଆତ୍ମା ଓ ଅନ୍ୟାନ୍ୟ ଅନେକ ଏଠାରେ ଦେଖା ଯାଉଛି । ଚଉଡ଼ା ବାଟର ବଦଳରେ ଆମ୍ଭେମାନେ ଗୋଟିଏ ଗଧ ଦେଖୁଛୁ, କାରଣ ପାପ ସର୍ବଦା ଭିନ୍ନ ରୂପ ଓ ଅନ୍ୟ ନାମ ନେଇ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ ହୁଏ । ଯଦି ପାପ ଧର୍ମର ଆବରଣ ନେଇ ବା ସ୍ୱର୍ଗ ଦୂତର ବେଶ ଧରି ଉପସ୍ଥିତ ହୁଏ, ତଥାପି ପ୍ରକୃତ ଖ୍ରୀଷ୍ଟିୟାନ ତାହାକୁ ଚିହ୍ନି ପାରେ, କାରଣ ଈଶ୍ୱରଙ୍କର ବାକ୍ୟ ଓ ସତ୍ୟ ଆତ୍ମା ତାହା ନିକଟରେ ସମସ୍ତ ସତ୍ୟ ପ୍ରକାଶ କରନ୍ତି । ଆଉମଧ୍ୟ ଦେଖନ୍ତୁ, ଜଣେ ଲୋକ ହାତରେ ମଦ ଗ୍ଲାସ ଧରି ଜଗତର ଆନନ୍ଦ ହାସ୍ୟ ପ୍ରଲୋଭିତ କରିବା ଉଦ୍ଦେଶ୍ୟରେ ଖ୍ରୀଷ୍ଟିୟାନର ଘରଆଡ଼େ ନାଚୁଛି । ସେ ଯାହା କରୁନା କାହିଁକି ସମର୍ପିତ ଖ୍ରୀଷ୍ଟିୟାନ ଭୟ କରେ ନାହିଁ, କାରଣ ଜଗତ ଓ ପାପ ଖ୍ରୀଷ୍ଟଙ୍କ ସହିତ କ୍ରୁଶାର୍ପିତ ହୋଇଅଛି । ନିଷ୍ଠୁର ଲୋକଟି ଗୋଟିଏ କ୍ରୁଶରେ ତାକୁ ଆଘାତ କରୁଛି । ଈଶ୍ୱର ବିରୁଦ୍ଧ ଓ ଭ୍ରାନ୍ତ ବିଶ୍ୱାସୀମାନେ ସର୍ବଦା କୁବାକ୍ୟ, ନିନ୍ଦା, ଉପହାସ, ଭୟ ପ୍ରଦର୍ଶନ ଦ୍ୱାରା ପ୍ରକୃତ ଖ୍ରୀଷ୍ଟିୟାନର ହୃଦୟରେ କୁଠାରାଘାତ କରୁଛନ୍ତି । ଲୋକମାନଙ୍କ କଥାରେ ସେ ଭ୍ରୂକ୍ଷେପ କରେ ନାହିଁ, କେବଳ ଈଶ୍ୱରଙ୍କ ବାକ୍ୟରେ ହିଁ ମନଯୋଗ କରେ । ସେ ଯୀଶୁଙ୍କ ବାକ୍ୟକୁ ସ୍ମରଣ କରେ, "ଲୋକେ ଯେବେ ତୁମ୍ଭମାନଙ୍କୁ ମୋ ସକାଶେ ନିନ୍ଦା ଓ ତାଡ଼ନା କରନ୍ତି, ପୁଣି ମିଥ୍ୟାରେ ତୁମ୍ଭମାନଙ୍କ ବିରୁଦ୍ଧରେ ସମସ୍ତ ପ୍ରକାର ମନ୍ଦ କଥା କହନ୍ତି, ତେବେ ତୁମ୍ଭେମାନେ ଧନ୍ୟ । ଆନନ୍ଦ କର ଓ ଉଲ୍ଲସିତ ହୁଅ, କାରଣ ସ୍ୱର୍ଗରେ ତୁମ୍ଭମାନଙ୍କର ପୁରସ୍କାର ପ୍ରଚୁର; ସେହିପରି ତ ସେମାନେ ତୁମ୍ଭମାନଙ୍କ ପୂର୍ବବର୍ତ୍ତୀ ଭାବବାଦୀମାନଙ୍କୁ ତାଡ଼ନା କରିଥିଲେ" (ମାଥିଉ ୫: ୧୧-୧୨)।

Copyright ANGP

ପାପ, ଶାରୀରିକ ଅଭିଳାଷ ଓ ଶୟତାନ ଈଶ୍ୱରଙ୍କ ପ୍ରେମରୁ ଖ୍ରୀଷ୍ଟିୟାନକୁ ପୃଥକ୍ କରିବା ପାଇଁ ଅବିରତ ଚେଷ୍ଟା କରୁଛି, କିନ୍ତୁ ବାପ୍ତିଜକ ଦୃଢ ବିଶ୍ୱାସ ଓ ମହାନନ୍ଦର ସହିତ ସେ କହି ପାରେ, "ଖ୍ରୀଷ୍ଟଙ୍କ ପ୍ରେମରୁ କିଏ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିବ ? କି କ୍ଳେଶ, କି ସଙ୍କଟ, କି ତାଡନା, କି ଦୁର୍ଭିକ୍ଷ, କି ଉଲଙ୍ଗତା, କି ବିପଦ, କି ଖଡ୍ଗ ?" (ରୋମୀୟ ୮: ୩୫)। ନା, କେହି ପାରିବେ ନାହିଁ। "ଯେ ଆମ୍ଭମାନଙ୍କୁ ପ୍ରେମ କଲେ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଏହି ସମସ୍ତ ବିଷୟରେ ସର୍ବତୋଭାବେ ବିଜୟୀ ଅଟୁଁ" (ରୋମୀୟ ୮: ୩୭)। ଈଶ୍ୱରଙ୍କର ସମସ୍ତ ଯୁଦ୍ଧ ସଜ୍ଜାରେ ସଜ୍ଜିତ ହୋଇ, ସେ ଏହି ମନ୍ଦ ଯୁଗରେ ଠିଆ ହେବାକୁ ଓ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ସମସ୍ତ ପରୀକ୍ଷାରୁ ଜୟ ଲାଭ କରିବାକୁ ପାରେ। କାରଣ ଯୀଶୁ ସମସ୍ତ ପରୀକ୍ଷାରେ ବିଜୟୀ ହୋଇଅଛନ୍ତି, ତେଣୁ ଆମ୍ଭେମାନେ ତାହାଙ୍କ ଦ୍ୱାରା ବିଜୟୀ ହୋଇ ଗୌରବର ମୁକୁଟ ପ୍ରାପ୍ତ ହେବୁ।

ତାରା— ବିଜେତାର ପ୍ରତୀକ ତାରାଟି ବେଶ୍ ସ୍ପଷ୍ଟ ଓ ଉଜ୍ଜ୍ୱଳ। ତା ଦ୍ୱାରା ହୃଦୟ, ବିଶ୍ୱାସ ଓ ଜୀବନ ଆମ୍ଭର ପରିପୂର୍ଣ୍ଣ। ଈଶ୍ୱରଙ୍କ ବାକ୍ୟର ପ୍ରତୀକ ସ୍ୱର୍ଗଦୂତ ତାହାକୁ ଈଶ୍ୱରଙ୍କର ବହୁମୂଲ୍ୟ ପ୍ରତିଜ୍ଞା ସବୁ ସ୍ମରଣ କରାଇ ଦେଉଛନ୍ତି, "ଯେ ଜୟ କରେ, ତାହାକୁ ଆମ୍ଭେ ଈଶ୍ୱରଙ୍କ ପାରଦୀଶରେ ଥିବା ଜୀବନ ବୃକ୍ଷର ଫଳ ଖାଇବାକୁ ଦେବୁଁ", "ଯେ ଜୟ କରେ, ସେ ଦ୍ୱିତୀୟ ମୃତ୍ୟୁ ଦ୍ୱାରା କୌଣସି ପ୍ରକାରେ କ୍ଷତିଗ୍ରସ୍ତ ହେବ ନାହିଁ," "ଯେ ଜୟ କରେ, ତାହାକୁ ଆମ୍ଭେ ଗୁପ୍ତ ମାନ୍ନା ଦେବୁଁ, ପୁଣି ଯେଉଁ ନାମ ଗ୍ରହଣକର୍ତ୍ତା ବିନା ଅନ୍ୟ କେହି ଜାଣେ ନାହିଁ, ଏପରି ନୂତନ ନାମ ଲିଖିତ ଏକ ଶ୍ୱେତ ପ୍ରସ୍ତର ତାହାକୁ ଦେବୁଁ"। "ଯେ ଜୟ କରେ ଓ ଶେଷ ପର୍ଯ୍ୟନ୍ତ ଆମ୍ଭର କର୍ମ କରେ, ଆମ୍ଭେ ଯେପରି ଆମ୍ଭର ପିତାଙ୍କଠାରୁ କ୍ଷମତା ପ୍ରାପ୍ତ ହୋଇଅଛୁଁ, ତାହାକୁ ମଧ୍ୟ ସେହିପରି ସମସ୍ତ ଜାତି ଉପରେ କ୍ଷମତା ଦେବୁଁ"। "ଯେ ଜୟ କରେ, ସେ ଏହି ପ୍ରକାରେ ଶୁକ୍ଳ ବସ୍ତ୍ର ପରିହିତ ହେବ, ଆଉ

Copyright AINGR

ଆମ୍ଭେ ଜୀବନ ପୁସ୍ତକରୁ ତାହାର ନାମ କୌଣସି ପ୍ରକାରେ ଲୋପ ନ କରି ଆମ୍ଭର ପିତା ଓ ତାହାଙ୍କ ଦୂତମାନଙ୍କ ସମ୍ମୁଖରେ ତାହାର ନାମ ସ୍ୱୀକାର କରିବୁ ।" "ଯେ ଜୟ କରେ, ଆମ୍ଭେ ତାହାକୁ ଆମ୍ଭର ଈଶ୍ୱରଙ୍କ ମନ୍ଦିରର ସ୍ତମ୍ଭ ସ୍ୱରୂପ କରିବୁ, ସେ ଆଉ ସେଠାରୁ ବାହାରକୁ ଯିବ ନାହିଁ ।" "ଆମ୍ଭେ ଯେପରି ଜୟ କରି ଆମ୍ଭର ପିତାଙ୍କ ସହିତ ତାହାଙ୍କ ସିଂହାସନରେ ବସିଅଛୁ, ସେପରି ଯେ ଜୟ କରେ, ଆମ୍ଭେ ତାହାକୁ ଆମ୍ଭ ସହିତ ଆମ୍ଭର ସିଂହାସନରେ ବସିବାକୁ ଦେବୁ ।" (ପ୍ରକାଶିତ ବାକ୍ୟ ୨:୭, ୧୧, ୧୭, ୨୬; ୩: ୫, ୧୨,୨୧)

ଖୋଲା ଟଙ୍କା ଥଳି— ଏହାର ଅର୍ଥ ଏହି ଯେ, କେବଳ ତାହାର ହୃଦୟ ଯେ ପ୍ରଭୁଙ୍କ ନିକଟରେ ସମର୍ପିତ ତାହା ନୁହେଁ, ତାହାର ଟଙ୍କା ପଇସା ଓ ଧନ ସମ୍ପଦ ମଧ୍ୟ ଈଶ୍ୱରଙ୍କର ଚରଣରେ ଉତ୍ସର୍ଗୀତ । ସେ ସବୁ ବୃଥାରେ ବ୍ୟୟ ନ କରି, ଦରିଦ୍ରମାନଙ୍କୁ ସାହାଯ୍ୟ କରିବା, ଦଶ-ମାଂଶ ଓ ନୈବେଦ୍ୟ, ଏପରି କି ସମସ୍ତ ଧନ ସମ୍ପଦ ଈଶ୍ୱରଙ୍କର ଗୌରବ ନିମିତ୍ତ ବ୍ୟୟ କରିବା ପାଇଁ ଦାନ କରେ ।

ରୁଟୀ ଓ ମାଛ— ଏହା ନିର୍ମଳ ଅନ୍ତଃକରଣ ଓ ସଂଯତ ଜୀବନକୁ ବୁଝାଉଛି । ସେ କୌଣସି ମାଦକ ଦ୍ରବ୍ୟ ସେବନ, ରକ୍ତ, ଗଳାଚିପା ହୋଇ ମରା ହୋଇଥିବା କୌଣସି ପଶୁ ପକ୍ଷୀର ମାଂସ, କିମ୍ବା ଅନ୍ୟ କୌଣସି ଅଶୁଚି ଖାଦ୍ୟ ଦ୍ୱାରା ନିଜକୁ ଅପବିତ୍ର କରେ ନାହିଁ । ସେ ଧନ ଅପବ୍ୟୟ କରେ ନାହିଁ । ଈଶ୍ୱରଙ୍କର ମନ୍ଦିର ସ୍ୱରୂପ ତା'ର ଦେହକୁ ପାନ, ବିଡ଼ି, ସିଗାରେଟ ,ମଦ, ଗଞ୍ଜାଇ, ଅଫିମ ବା ଅନ୍ୟ କୌଣସି କ୍ଷତିକାରକ ଔଷଧ ଦ୍ୱାରା ଅପବିତ୍ର ନ କରି, ଉପାଦେୟ, ଶୁଚି ଓ ପୁଷ୍ଟିକର ଆହାର ଭୋଜନ କରେ । ସେ ସବୁ ପରିସ୍ଥିତିରେ ମଣ୍ଡଳୀର ଉପାସନାରେ ଯୋଗ ଦିଏ । ପ୍ରାର୍ଥନା କରିବାକୁ ଭଲ ପାଏ, କାରଣ ପ୍ରାର୍ଥନାରେ ଈଶ୍ୱରଙ୍କ ସହିତ କଥୋପକଥନ ନ କଲେ ଖ୍ରୀଷ୍ଟିୟ ଜୀବନଯାପନ କରି ହୁଏ ନାହିଁ, ତେଣୁ ସେ ମଣ୍ଡଳୀରେ, ପାରିବାରିକ ଉପାସନାରେ, ଗୁପ୍ତରେ ପ୍ରାର୍ଥନା କରିବାକୁ ଭୁଲେ ନାହିଁ ।

Copyright ANGR

ଖୋଲା ପୁସ୍ତକ— ଏହାର ଅର୍ଥ ବାଇବେଲର ନିଗୂଢ଼ ତତ୍ତ୍ୱ ତାହା ନିକଟରେ ପ୍ରକାଶିତ । ସେ ପ୍ରତିଦିନ ତାହା ପାଠ କରେ, ଏବଂ ଜ୍ଞାନ ଓ ଶକ୍ତି, ଜୀବନ ଓ ଜ୍ୟୋତି, ହଁ ଈଶ୍ୱରଙ୍କର ଅବର୍ଣ୍ଣମୟ ଧନ ଲାଭ କରିବା ପାଇଁ ନିୟମିତ ତାହା ଧ୍ୟାନ କରେ । ଈଶ୍ୱରଙ୍କ ବାକ୍ୟ ତାହାର ଚରଣ ପାଇଁ ପ୍ରଦୀପ ଓ ଶତ୍ରୁକୁ ବିନାଶ କରିବା ପାଇଁ ଖଡ୍‌ଗ । ତାହା ତାହାର ଖାଦ୍ୟ, ପାନୀୟ, ପରିଷ୍କାର ହେବାର ଜଳ, ଓ ଆତ୍ମାର ପ୍ରକୃତ ରୂପ ଦେଖିବା ପାଇଁ ଦର୍ପଣ ଅଟେ ।

ଆନନ୍ଦରେ ସେ କ୍ରୁଶ ବହନ କରେ, କାରଣ କ୍ରୁଶ ବିନା ମୁକୁଟ ମିଳେ ନାହିଁ । ସେ ନିଜକୁ ଖ୍ରୀଷ୍ଟଙ୍କ ସହିତ ଉତ୍‌ଥାପିତ ଜାଣି ଜୀବନର ନୂତନତାରେ ଚାଲେ, ଊର୍ଦ୍ଧ୍ୱସ୍ଥ, ଅନନ୍ତ କାଳ ସ୍ଥାୟୀ ଓ ଅଦୃଶ୍ୟ ବିଷୟର ଅନ୍ୱେଷଣ କରେ । ପ୍ରଭୁଙ୍କ ସହିତ ମିଳିତ ହେବାକୁ ସେ ସର୍ବଦା ପ୍ରସ୍ତୁତ, ଏବଂ ଜଳ ନିକଟରେ ରୋପିତ ବୃକ୍ଷ ପରି, ଯାହା ଉପଯୁକ୍ତ ସମୟରେ ଫଳ ଫଳେ; ପୁଣି ଖ୍ରୀଷ୍ଟଙ୍କ ଶାଖା ସ୍ୱରୂପ ପ୍ରକୃତ ଦ୍ରାକ୍ଷାଲତା ଯାହା ପ୍ରଚୁର ଫଳରେ ଫଳବାନ ହୁଏ । ପବିତ୍ର ଆତ୍ମାଙ୍କ ଦ୍ୱାରା ସିଦ୍ଧ ପ୍ରେମ ତାର ହୃଦୟକୁ ପରିପୂର୍ଣ୍ଣ କରି ଥିବାରୁ ସେ ମୃତ୍ୟୁକୁ ମଧ୍ୟ ଭୟ କରେ ନାହିଁ ।

## ଦଶମ ଚିହ୍ନ

ଯୀଶୁ କହିଲେ, "ମୁଁ ପୁନରୁତ୍ଥାନ ଓ ଜୀବନ; ଯେ ମୋଠାରେ ବିଶ୍ୱାସ କରେ, ସେ ଯଦ୍ୟପି ମରେ, ତଥାପି ସେ ବଞ୍ଚିବ, ପୁଣି ଯେ କେହି ବଞ୍ଚେ ଓ ମୋଠାରେ ବିଶ୍ୱାସ କରେ, ସେ କଦାପି ମରିବ ନାହିଁ" (ଯୋହନ ୧୧: ୨୫-୨୬) । "ଯେ ମୋହର ବାକ୍ୟ ଶୁଣି ମୋହର ପ୍ରେରଣକର୍ତ୍ତାଙ୍କୁ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛି, ପୁଣି ସେ ବିଚାରିତ ନ ହୋଇ ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନରେ ପ୍ରବେଶ କରିଅଛି" (ଯୋହନ ୫:୨୪) । ମୃତ୍ୟୁର ଭୟ ବା ମୃତ୍ୟୁର ଯନ୍ତ୍ରଣା ଖ୍ରୀଷ୍ଟିୟାନର ଅଗୋଚର । "ଜୟ ମୃତ୍ୟୁକୁ ଗ୍ରାସ କରିଅଛି, ରେ ମୃତ୍ୟୁ

Copyright ANGP




କାହିଁ ତୋର ଜୟ ? ହେ ମୃତ୍ୟୁ, କାହିଁ ତୋର ନାହୁଡ଼ ? ମୃତ୍ୟୁର ନାହୁଡ଼ ପାପ, ଆଉ ପାପର ବଳ ବ୍ୟବସ୍ଥା; କିନ୍ତୁ ଯେଉଁ ଈଶ୍ୱର ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଅମ୍ଭମାନଙ୍କୁ ଜୟ ପ୍ରଦାନ କରନ୍ତି, ତାହାଙ୍କର ଧନ୍ୟବାଦ ହେଉ" (୧ କରନ୍ଥୀ ୧୫: ୫୫-୫୭)।

ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ସହିତ ବାସ କରେ ଓ ତାହାଙ୍କ ସହିତ ଗମନାଗମନ କରେ ସେ ମୃତ୍ୟୁକୁ ଭୟ କରେ ନାହିଁ । ଜଗତରୁ ପ୍ରସ୍ଥାନ କରିବାର ସମୟ ଉପସ୍ଥିତ ହେଲେ, ସେ ଆନନ୍ଦରେ ପ୍ରସ୍ଥାନ କରେ, ଯେପରି ପ୍ରେରିତ ପାଉଲ କହିଛନ୍ତି, "ଇହଲୋକରୁ ପ୍ରସ୍ଥାନ କରି ଖ୍ରୀଷ୍ଟଙ୍କ ସହିତ ରହିବାକୁ ମୋହର ଇଚ୍ଛା, କାରଣ ତାହା ଅତୀବ ଶ୍ରେୟସ୍କର" (ଫିଲିପୀୟ ୧: ୨୩) । ଯେ କ୍ରୁଶରେ ପ୍ରାଣ ଦେଇ ଖ୍ରୀଷ୍ଟିୟାନଙ୍କୁ ମୁକ୍ତ କରିଛନ୍ତି, ସେହି ପ୍ରଭୁ ଯୀଶୁଙ୍କର ଶ୍ରୀମୁଖ ଦର୍ଶନ କରିବା ପାଇଁ ସେ ବ୍ୟାକୁଳ । ପବିତ୍ର ଆତ୍ମା ମଧ୍ୟ ତାହାକୁ ତାହାଙ୍କର ବାକ୍ୟ ସ୍ମରଣ କରାଇ ଦିଏ, "ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ ନ ହେଉ; ତୁମ୍ଭେମାନେ ଈଶ୍ୱରଙ୍କଠାରେ ବିଶ୍ୱାସ କର, ମୋଠାରେ ମଧ୍ୟ ବିଶ୍ୱାସ କର । ମୋହର ପିତାଙ୍କ ଗୃହରେ ଅନେକ ବାସସ୍ଥାନ ଅଛି; ଯଦି ନ ଥାଆନ୍ତା, ତାହାହେଲେ ମୁଁ ତୁମ୍ଭମାନଙ୍କୁ କହି ଥାଆନ୍ତି, ମୁଁ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବାକୁ ଯାଉଅଛି, ପୁଣି ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କଲେ ପୁନର୍ବାର ଆସିବି, ଆଉ ମୁଁ ଯେଉଁ ସ୍ଥାନରେ ଥାଏଁ, ତୁମ୍ଭେମାନେ ମଧ୍ୟ ସେହି ସ୍ଥାନରେ ରହିବ, ସେଥି ନିମନ୍ତେ ତୁମ୍ଭମାନଙ୍କୁ ଆପଣା ନିକଟକୁ ଘେନି ଯିବି" (ଯୋହନ ୧୪: ୧-୩) । "ଚକ୍ଷୁ ଯାହା ଦେଖି ନାହିଁ, କର୍ଣ୍ଣ ଯାହା ଶୁଣି ନାହିଁ, ଆଉ ମନୁଷ୍ୟର ହୃଦୟରେ ଯାହା ଜାତ ହୋଇ ନାହିଁ, ଯେ ସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କ ନିମନ୍ତେ ପ୍ରସ୍ତୁତ କରି ଅଛନ୍ତି" (୧ କରିନ୍ଥୀ ୨: ୯) । ପୃଥିବୀରେ ଏପରି କୌଣସି ଭାଷା ନାହିଁ, ଯଦ୍ୱାରା ସ୍ୱର୍ଗୀୟ ମହିମାର ସୁସ୍ପଷ୍ଟ ବର୍ଣ୍ଣନା କରା ଯାଇପାରେ; ଯେଉଁମାନେ ଏହି ପୃଥିବୀରେ ପ୍ରଭୁ ଯୀଶୁଙ୍କର ପଦାଙ୍କ ଅନୁସରଣ କରୁଛନ୍ତି ଓ ତାଙ୍କର ଆଜ୍ଞାରେ ଚଳପ୍ରଚଳ ହେଉଛନ୍ତି ଏହି ସ୍ଥାନ ସେମାନଙ୍କ ନିମିତ୍ତ ପ୍ରସ୍ତୁତ ହୋଇଅଛି ।

ଏହି ଶେଷ ଚିତ୍ରରେ କଙ୍କାଳ (ମୃତ୍ୟୁ) ପରିବର୍ତ୍ତରେ ଈଶ୍ୱରଙ୍କର ସ୍ୱର୍ଗଦୂତଙ୍କୁ ଦେଖାଯାଉଛି । ଯୀଶୁଙ୍କ ଦ୍ୱାରା ଧାର୍ମିକ ଗଣିତ ହୋଇଥିବା

Copyright ANGP

ଆତ୍ମାକୁ ଈଶ୍ୱରଙ୍କ ନିକଟକୁ ନେଇଯିବା ପାଇଁ ସେ ଅପେକ୍ଷା କରୁଛନ୍ତି । ପ୍ରାଣ ଓ ଆତ୍ମ ଦେହରୁ ବାହାରିବା କ୍ଷଣି ମୁଁ ତାହାକୁ ନେଇ ଉଡ଼ି ଯାଇ ସ୍ୱର୍ଗର ଖୋଲା ଦ୍ୱାର ଭିତର ଦେଇ ପ୍ରବେଶ କରି ଯୀଶୁଙ୍କ କୋଳରେ ଦେଲେ, ଯେ ତାହାକୁ ପ୍ରେମ କଲେ ଓ ତାହା ପାଇଁ ଦେହ ଧାରଣ କରି ପୃଥିବୀକୁ ଆସି ଜୀବନ ଦେଲେ । ସ୍ୱର୍ଗଦୂତଗଣ ପିତାଙ୍କ ସମ୍ମୁଖରେ ତାହାକୁ ସ୍ୱାଗତ କଲେ । ପ୍ରଭୁ ଯୀଶୁ କହିଲେ, "ବେଶ, ଉତ୍ତମ ଓ ବିଶ୍ୱସ୍ତ ଦାସ,.........ତୁମ୍ଭେ ଆପଣା ପ୍ରଭୁଙ୍କ ଆନନ୍ଦର ସହଭାଗୀ ହୁଅ" (ମାଥିଉ ୨୫: ୨୧) । ତାହା ଉପରେ ଶୟତାନର ଆଉ କୌଣସି ଅଧିକାର ନାହିଁ, କାରଣ, "ସଦାପ୍ରଭୁଙ୍କ ଦୃଷ୍ଟିରେ ତାହାଙ୍କ ସଦ୍‌ଭକ୍ତମାନଙ୍କ ମରଣ ବହୁମୂଲ୍ୟ ଅଟେ" (ଗୀତ ସଂହିତା ୧୧୬: ୧୫) । "ପୁଣି ମୁଁ ସ୍ୱର୍ଗରୁ ଏହି ବାଣୀ ଶୁଣିଲି, ଲେଖ, ଯେଉଁମାନେ ଏଣିକି ପ୍ରଭୁଙ୍କଠାରେ ଥାଇ ମରନ୍ତି, ସେମାନେ ଧନ୍ୟ; ହଁ, ଆତ୍ମା କହୁ ଅଛନ୍ତି, ସେମାନେ ଆପଣା ଆପଣା ପରିଶ୍ରମରୁ ବିଶ୍ରାମ ପ୍ରାପ୍ତ ହେବେ, କାରଣ ସେମାନଙ୍କ କର୍ମ ସେମାନଙ୍କର ଅନୁବର୍ତ୍ତୀ ହେବ" (ପ୍ରକାଶିତ ବାକ୍ୟ ୧୪: ୧୩) ।

Copyright ANGP

## ଶେଷ ଅନୁଯୋଗ

ପ୍ରିୟ ପାଠକ, ଈଶ୍ୱର ଆପଣଙ୍କୁ ସାହାଯ୍ୟ କରନ୍ତୁ, ଯେପରି ନିଜର ହୃଦୟ ତାଙ୍କୁ ଦେବାକୁ ପାରନ୍ତି । ସେ ଆପଣଙ୍କୁ ପ୍ରେମ କରନ୍ତି, ସେଥିପାଇଁ ଅନୁଯୋଗ କରୁଛନ୍ତି, "ହେ ମୋହର ପୁତ୍ର (କନ୍ୟା), ତୁମ୍ଭ ହୃଦୟ ମୋତେ ଦିଅ" (ହିତୋପଦେଶ ୨୩: ୨୬) । ଆପଣଙ୍କ ଶ୍ରାନ୍ତ-କ୍ଲାନ୍ତ, ନୈରାଶ୍ୟମୟ ଓ ବ୍ୟଥିତ ହୃଦୟକୁ ଯୀଶୁଙ୍କୁ ଦିଅନ୍ତୁ, ସେ ନୂତନ ହୃଦୟ ଓ ନୂତନ ଆତ୍ମା ଦେବେ, ଆପଣଙ୍କର କପଟମୟ ହୃଦୟର ଅଭିଳାଷ ଦ୍ୱାରା ଭୁଲନ୍ତୁ ନାହିଁ, କାରଣ, "ହେ ଆପଣା

ଅନ୍ତଃକରଣରେ ନିର୍ଭର ରଖେ, ସେ ମୂର୍ଖ, ମାତ୍ର ଯେ ଜ୍ଞାନରେ ଚାଲେ, ସେ ରକ୍ଷା ପାଇବ" (ହିତୋପଦେଶ ୧୮: ୨୬)। ନିଜର ପାପକୁ ପରିତ୍ୟାଗ କରି ଧର୍ମ ପଥରେ ଚାଲନ୍ତୁ, "ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ ଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁରେ ଅନନ୍ତ ଜୀବନ ଅଟେ" (ରୋମୀୟ ୬: ୨୩)।

ଯଦି ଆପଣ ନିଜର ଜୀବନକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରିଛନ୍ତି, ତେବେ, "ଯୀଶୁ ଖ୍ରୀଷ୍ଟ ସମ୍ବନ୍ଧୀୟ ବିଶ୍ୱାସରେ ଓ ପ୍ରେମରେ ସେହି ନିରାମୟ ବାକ୍ୟ ଦୃଢ଼ ରୂପେ ଧାରଣ କରନ୍ତୁ। ଏହି ବିଷୟରେ ସାଧୁ ପାଉଲ କହନ୍ତି, "ମୁଁ ତାହାଙ୍କ ହସ୍ତରେ ଯାହା ସମର୍ପଣ କରିଅଛି, ତାହା ସେହି ଦିନ ପର୍ଯ୍ୟନ୍ତ ସୁରକ୍ଷା କରିବାକୁ ସେ ଯେ ସମର୍ଥ ଅଟନ୍ତି, ଏହା ଦୃଢ଼ ରୂପେ ବିଶ୍ୱାସ କରୁଅଛି" (୨ତୀମୋଥି ୧: ୧୨)। ଅତି ପବିତ୍ର ବିଶ୍ୱାସରେ ନିଜକୁ ଗଢନ୍ତୁ, ପବିତ୍ର ଆତ୍ମାରେ ପ୍ରାର୍ଥନା କରନ୍ତୁ, ଈଶ୍ୱରଙ୍କ ପ୍ରେମରେ ବୃଦ୍ଧି ପାଆନ୍ତୁ, ଯୀଶୁଙ୍କ ଉପରେ ସର୍ବଦା ଦୃଷ୍ଟି ରଖନ୍ତୁ, ଆମ୍ଭମାନଙ୍କର ପ୍ରଭୁ ନିଜ ଲୋକଙ୍କୁ ଗ୍ରହଣ କରିବା ପାଇଁ ଶୀଘ୍ର ପ୍ରତ୍ୟାବର୍ତ୍ତନ କରିବେ, ସେ ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁ ଅଟନ୍ତି।

"ଯେ ତୁମ୍ଭମାନଙ୍କୁ ସ୍ଖଳନରୁ ରକ୍ଷା କରିବାକୁ ପୁଣି ଆପଣା ଗୌରବ ସମ୍ମୁଖରେ ମହାନନ୍ଦରେ ନିର୍ଦ୍ଦୋଷ ରୂପେ ଉପସ୍ଥିତ କରିବାକୁ ସକ୍ଷମ, ଯେ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଏକମାତ୍ର ଈଶ୍ୱର, ଗୌରବ, ପ୍ରତାପ, ପରାକ୍ରମ ଓ କର୍ତ୍ତାପଣ ସନାତନକାଳ, ବର୍ତ୍ତମାନ ଓ ଯୁଗେ ଯୁଗେ ତାହାଙ୍କର ଆମେନ (ଯିହୂଦା ୨୪-୨୫)।

Copyright ANGP

**A SPECIAL WORD FROM ANGP**

**UN MONDE SPÉCIAL DE L'ANGP**

**UMA PALAVRA ESPECIAL DA ANGP**

**This booklet "The Heart of Man" is available in over 538 languages and dialects spoken throughout the world (Africa, Asia, The Far East, South America, Europe, etc.) Our Heart Book is now also available on cell phones, tablets, etc from www.angp-hb.co.za or as an APP "Heart of Man" on Android phones.**

**Le livre du "Coeur de l'homme" peut etre obtenu en plus de 538 langues et dialectes parles dans le monde entier, a savoir: Afrique, Amerique, Asie, Extreme Orient, Europe. Notre Livre du Coeur est maintenant aussi disponible sur votre Telephone cellular, plaques, etc. de www.angp-hb.co.za ou comme une Application "Heart of Man" sur telephones Android.**

**Este livro "O Coracao do Homem" e obtido em mais de 538 linguas e dialectos falados em todo o mundo, a saber: (Africa, Asia, America do Sul, Extremo Oriente, Europa, etc). O nosso Livro O Coração do Homem tambem esta agora disponivel em telefone celular, tablets, etc. de www.angp-hb.co.za ou como um aplicativo "Heart of Man" nos telephones celulares Android.**

Copyright ANGP

**The 10 heart pictures contained in this booklet are also available in the form of large coloured picture charts (86 x 61cm) bound together in a set of 10 pictures. These "Heart Charts" can be obtained with European or African features and are particularly suitable to be used in conjunction with the Heart Book for class-teaching, open air evangelization etc. Kindly contact us to ascertain the latest subsidized price of this chart.**

**Les 10 images du coeur qui figurent dans ce livre peuvent etre obtenues en tableaux de couleur, format 86 x 61 cm, avec des physionomies europeennes ou africaines. Ils peuvent etre utilises en meme temps que le livre du coeur pour des classes bibliques, a**

l'ecole du dimanche ou lors de reunions de plein air. Soyez aimable de nous contacter pour assurer les derniers prix en cours du tableau.

As 10 imagens do coracao, contidas neste livro podem ser obtidas num conjunto de 10 imagens em colorido no tamanho de (86 x 61 cm). Estes "Cartazes do Coracao podem ser obtfdos com caracterfsticas Europeias e Africanas e podem ser usados em conjuncao com o mesmo livro em classes de ensino biblico, evangelizacao ou ao ar livre. Agradeciamos que nos contacta- se para confirmacao do ultimo preco dos cartazes.



Kindly write to us if you are able to assist us with further translations of our free Gospel literature, informing us of the language into which you could translate this Gospel literature. Your assistance would be appreciated.

Copyright ANGP

If you have found salvation in Christ, or have been otherwise blessed through our Gospel literature, please let us know. We would like to thank God with you, and remember you further in our prayers.

Nous vous invitons a nous contacter pour faire des arrangements concernant de nouvelles traductions de notre litterature, nous informant de la langue dans laquelle vous pouvez traduire cette litterature evangelique. Votre aide sera beaucoup appreciee.

Si vous avez trouve le salut en Christ ou si vous avez ete beni par notre litterature, nous vous prions de nous le faire savoir. Nous aimerions remercier Dieu avec vous et prier pour vous.

Nos vos convidamos a nos contactar, afim de fazer qualquer arranjo concernente a novas traducoes de nossa literatura em outras Ifnguas. Vossa assistencia sera muito apreciavel.

Se tem encontrado a salvacao em Cristo, ou se tem sido abencoado por intermedio da nossa literatura evangelica, faca o favor de nos

informar. Pois nos gostarfamos de agradecer a Deus juntamente convosco, e lembra-lo sempre em nossas oracoes.

For free Gospel literature, books and tracts in over 538 languages, write to:

Pour obtenir gratuitement de la litterature evangelique, des livres et des traites en plus de 538 langues, ecrivez a:

Para obter gratuftamente a literatura evangelica, livros e folhetos em mais de 538 Ifnguas diferentes escreva para:

E-MAIL: info@angp-hb.co.za
info@angp.co.za

**ALL NATIONS GOSPEL PUBLISHERS**
**P.O. Box 2191**
**PRETORIA**
**0001**
**R.S.A.**

Copyright ANGP

A Gospel Literature Mission financed by donations
Une Mission de litterature evangelique financee de dons
Missao de literatura Evanqelica financiada por donativos

(Reg. No. 1961/001798/08)